୨୬ ବର୍ଷରେ

ଧର୍ମ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.26. No.13 Bhubaneswar Thursday Feb. 15, 2024 ୨୬ତମ ବର୍ଷ ସଂଖ୍ୟା-୧୩ ଭୁବନେଶ୍ୱର, ଗୁରୁବାର,ଫେବୃଆରୀ ୧୫,୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS






"୨୧ତମ ଶତାବ୍ଦିର ନୂଆ ଭାରତ, ଉନ୍ନତ ଓ ଆଧୁନିକ ଭିତ୍ତିଭୂମି ନିର୍ମାଣ କରୁଛି। ଉନ୍ନତ ସଡ଼କ, ରେଳ ନେଟୱର୍କ, ଏୟାରପୋର୍ଟ ଏସବୁ କେବଳ ଭିତ୍ତିଭୂମି ପ୍ରକଳ୍ପ ନୁହଁନ୍ତି ବରଂ ଏଗୁଡ଼ିକ ସମ୍ପୂର୍ଣ୍ଣ କ୍ଷେତ୍ରର କାୟାକଳ୍ପ କରିଦିଅନ୍ତି।"

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ₹୬୬୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶରେ
## ୨୮ ଟି ରାଷ୍ଟ୍ରୀୟ ରାଜମାର୍ଗ ପ୍ରକଳ୍ପଗୁଡ଼ିକର ଭୂମିପୂଜନ ଏବଂ ଲୋକାର୍ପଣ

### ଲୋକାର୍ପଣ

- ଏନ୍‌ଏଚ୍-୧୬ର ଚଣ୍ଡିଖୋଲଠାରୁ ଭଦ୍ରକ ଖଣ୍ଡ ପର୍ଯ୍ୟନ୍ତ ୬-ଲେନିଂ
- ଏନ୍‌ଏଚ୍-୪୯ ର ବାହାଡ଼ଗୋଡ଼ା -ସିଂଘରା ଖଣ୍ଡର ୪-ଲେନିଂ

### ଭୂମିପୂଜନ

- ଏନ୍‌ଏଚ୍-୧୬ରେ ଛତ୍ରପୁରରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ କାର୍ଯ୍ୟ
- ଏନ୍‌ଏଚ୍-୪୯ର ବାହାଡ଼ଗୋଡ଼ା ସିଂଘରା ଖଣ୍ଡରେ ୮ ଭିୟୁପି, ୦୧ ବିୟୁପୀ, ୦୧ ଏଲ୍‌ଭିୟୁପି ଏବଂ ୦୧ ପିୟୁପି ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ରେ ନୟାଗଡ଼ ଟାଉନ ବାଏପାସ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ରେ ଖୋର୍ଦ୍ଧା ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୬ରେ ଜୟପୁର ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୫ର କନ୍ଦରପୁର-ବାଲିକୁଦା ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୬୩ ରେ କୋଟପାଡ଼ ଟାଉନ ବାଏପାସର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୬ରେ ବୋରିଗୁମ୍ମା ଟାଉନ୍ ବାଏପାସର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ରେ ବାଘମାରୀ ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- ରାୟଗଡ଼ା ଜିଲାରେ ଏନ୍‌ଏଚ୍-୩୨୬ରେ କେରିଗୁଡ଼ା ନାଳ ଉପରେ ଛୋଟ ପୋଲ ନିର୍ମାଣ
- ଏନ୍‌ଏଚ୍-୨୦ରେ ମାଧୋପୁର-ବଡ଼ବିଲ ଖଣ୍ଡରେ ପ୍ରମୁଖ ପୋଲର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୩୧୬ରେ ପୁରୀ-କୋଣାର୍କ ରୋଡ଼ରେ ମାଟିଆପଡ଼ାଠାରେ ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୩ରେ ରିଆମଲ ଟାଉନ୍ ବାଏପାସ୍‌ର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୩୨୬ର ମାଲକାନଗିରି-ମୋଟୁ ରୋଡ଼ରେ ୪ ଲେନ୍ ଉଚ୍ଚସ୍ତରୀୟ ପୋଲ ନିର୍ମାଣ କାର୍ଯ୍ୟ
- ଏନଏଚ୍-୧୫୭ରେ କଳିଙ୍ଗ ଘାଟ ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୩୨୬ରେ ଡାଭଗାଁ-ପୋଡ଼ାମାରୀ ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୫୫ରେ ବାଲିକୁଦା-ମୁକାକାନି ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ନୟାଗଡ଼ ଜିଲାରେ ଏନ୍‌ଏଚ୍-୫୭ରେ ଡାହୁକା ନଦୀ ଉପରେ ଉଚ୍ଚସ୍ତରୀୟ ପ୍ରମୁଖ ପୋଲ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ ରେ ଦଶପଲ୍ଲା ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- କୋରାପୁଟ ଜିଲାରେ ଏନ୍‌ଏଚ୍-୨୬ରେ ୩୬୭.୪୮୦ କିମି.ରୁ ୩୭୬.୪୮୦ କିମି. ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୩୨୬ରେ ରାୟଗଡ଼ା ଓ କେ.କେ.ପୁର ଟାଉନ ବାଏପାସ୍ ନିର୍ମାଣ କାର୍ଯ୍ୟ
- ବାହାନଗା ବଜାର-ସୋରୋ ରେଳ ଲାଇନ୍‌ରେ ଓଡ଼ିଆର ଉପରେ ଏଲ୍‌ସି ନମ୍ବର ୧୦୨ରେ ଆରଓବି ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୨୦ରେ କଉଞ୍ଜିଆରୁ ପାଟନା ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୨୬ରେ ନବରଙ୍ଗପୁର ଟାଉନ ବାଏପାସ୍‌ର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୬ ର କୋରାପୁଟ-ସୁନକୀ ଖଣ୍ଡରେ ୪ କଲଭର୍ଟ ନିର୍ମାଣ କାର୍ଯ୍ୟ
- ପଟ୍ଟନିକା-ତେଲାଙ୍ଗ ରୋଡ଼ରେ ଏଲ୍‌ସି ନମ୍ବର କେପି-୧୪ ଓଡ଼ିଆର ରେ ଆରଓବି ନିର୍ମାଣ କାର୍ଯ୍ୟ

**ଗୁରୁବାର, ୧୫ ଫେବୃଆରୀ ୨୦୨୪, ଦିବା ୧୦ ଘଟିକା | ସ୍ଥାନ: ପୁରୀ, ଓଡ଼ିଶା**

### ପ୍ରକଳ୍ପଗୁଡ଼ିକରୁ ମିଳିବାକୁ ଥିବା ଲାଭ

- ★ ବାହାଡ଼ଗୋଡ଼ା-ସିଂଘରା ୪ ଲେନ୍ ନିର୍ମାଣ ଦ୍ୱାରା ପୂର୍ବତଟସ୍ଥ ବନ୍ଦର ପର୍ଯ୍ୟନ୍ତ ସୁଗମ ସଂଯୋଗ, ଔଦ୍ୟୋଗିକ ଗତିବିଧିକୁ ପ୍ରୋତ୍ସାହନ
- ★ ଖଣିଜ ପଦାର୍ଥ ଏବଂ କଞ୍ଚାମାଲ ବନ୍ଦର ପର୍ଯ୍ୟନ୍ତ ପହଞ୍ଚାଇବା ସହଜ, ଆର୍ଥିକ ଗତିବିଧିରେ ବୃଦ୍ଧି
- ★ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଓ କୋଣାର୍କ ମନ୍ଦିର ସହିତ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକ ପର୍ଯ୍ୟନ୍ତ ସୁରକ୍ଷିତ ଯାତ୍ରା, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀମାନଙ୍କୁ ସୁବିଧା
- ★ ଚଣ୍ଡିଖୋଲରୁ ଭଦ୍ରକ ୬ଲେନ୍ ନିର୍ମାଣ ଦ୍ୱାରା ଯାତାୟାତ ସମୟ ହ୍ରାସ, ଇନ୍ଧନ ସଞ୍ଚୟ
- ★ କୃଷକଙ୍କ ଫସଲ ବଡ଼ ବଜାର ପର୍ଯ୍ୟନ୍ତ ପହଞ୍ଚାଇବାରେ ସୁବିଧା, ରୋଜଗାରର ନୂଆ ସୁଯୋଗ ସୃଷ୍ଟି
- ★ ରେଳ ପୋଲ ନିର୍ମାଣ ଦ୍ୱାରା ସୁରକ୍ଷିତ ଯାତ୍ରା ଏବଂ ଇନ୍ଧନ ସଞ୍ଚୟ

## ନିତିନ ଗଡ଼କରୀ

ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ, ଭାରତ ସରକାରଙ୍କ
କରକମଳରେ

### ଗରିମାମୟ ଉପସ୍ଥିତି

**ଧର୍ମେନ୍ଦ୍ର ପ୍ରଧାନ** — ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର | **ଅଶ୍ୱିନୀ ବୈଷ୍ଣବ** — ରେଳ, ସଞ୍ଚାର ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରୌଦ୍ୟୋଗିକୀ ମନ୍ତ୍ରୀ, ଭାରତ ସରକାର | **ବିଶ୍ୱେଶ୍ୱର ଟୁଡୁ** — ଜନଜାତୀୟ କାର୍ଯ୍ୟ ଏବଂ ଜଳଶକ୍ତି ରାଜ୍ୟ ମନ୍ତ୍ରୀ, ଭାରତ ସରକାର

**ଅପରାଜିତା ଷଡ଼ଙ୍ଗୀ** ସାଂସଦ (ଲୋକସଭା) | **ନିତେଶ ଗଙ୍ଗ ଦେବ** ସାଂସଦ (ଲୋକସଭା) | **ପିନାକୀ ମିଶ୍ର** ସାଂସଦ (ଲୋକସଭା) | **ପ୍ରମିଳା ବିଶୋଇ** ସାଂସଦ (ଲୋକସଭା) | **ଚନ୍ଦ୍ରାଣୀ ମୁର୍ମୁ** ସାଂସଦ (ଲୋକସଭା) | **ଡା. ରାଜଶ୍ରୀ ମଲ୍ଲିକ** ସାଂସଦ (ଲୋକସଭା) | **ଭର୍ତ୍ତୃହରି ମହତାବ** ସାଂସଦ (ଲୋକସଭା)

**ଶର୍ମିଷ୍ଠା ସେଠୀ** ସାଂସଦ (ଲୋକସଭା) | **ଚନ୍ଦ୍ର ଶେଖର ସାହୁ** ସାଂସଦ (ଲୋକସଭା) | **ରମେଶ ଚନ୍ଦ୍ର ମାଝି** ସାଂସଦ (ଲୋକସଭା) | **ଅଚ୍ୟୁତାନନ୍ଦ ସାମନ୍ତ** ସାଂସଦ (ଲୋକସଭା) | **ମଞ୍ଜୁଲତା ମଣ୍ଡଳ** ସାଂସଦ (ଲୋକସଭା) | **ସପ୍ତଗିରି ଶଙ୍କର ଉଲାକା** ସାଂସଦ (ଲୋକସଭା)

FOR LIVE STREAMING :
www.facebook.com/nitingadkary
https://twitter.com/nitin_gadkari
www.youtube.com/c/NitinGadkariOfficial

FASTag
• ପ୍ରତିବର୍ଷ ପ୍ରାୟ ୪୦ କୋଟି ଘଣ୍ଟାର ଅମୂଲ୍ୟ ସମୟ ସଞ୍ଚୟ • ପ୍ରତିବର୍ଷ ପ୍ରାୟ ୩୫ କୋଟି ଲିଟର ଇନ୍ଧନ ସଞ୍ଚୟ
• ପ୍ରାୟ ୧୦ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଦ୍ୱାରା ପରିବେଶର ସଂରକ୍ଷଣ
ଏଣୁ FASTag ଆପଣାନ୍ତୁ... ଏବଂ ଦେଶହିତରେ ନିଜର ଯୋଗଦାନ ଦିଅନ୍ତୁ...

ସଡ଼କ ହିଁ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ




# ବସନ୍ତ ପଞ୍ଚମୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସରସ୍ୱତୀ ପୂଜା, କନ୍ୟା ପୂଜନ ଓ ବୃକ୍ଷ ପୂଜା ସହ ପାଳନ



**କୋରାପୁଟ,(ପିଏନ):**ପବିତ୍ର ବସନ୍ତ ପଞ୍ଚମୀର ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୪ ଫେବ୍ରୁଆରି ୧୪ ତାରିଖରେ ସୁନାବେଡ଼ାସ୍ଥିତ କ୍ୟାମ୍ପସରେ ସରସ୍ୱତୀ ପୂଜା, କନ୍ୟା ପୂଜନ ଓ ବୃକ୍ଷ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତ ବିଭାଗ ଓ ହିନ୍ଦୀ ବିଭାଗ ପକ୍ଷରୁ ଏକାଡେମିକ୍ ବ୍ଲକ-୩ରେ ସରସ୍ୱତୀ ପୂଜା ବେଶ୍ ଧୁମଧାମରେ ଅନୁଷ୍ଠିତ ହୋଇଥିଲା।

ମାନ୍ୟବର କୁଳପତି ପ୍ରଫେସର ଚ଼କ୍ରଧର ତ୍ରିପାଠୀଙ୍କ ନେତୃତ୍ୱରେ ଭାରପ୍ରାପ୍ତ ରେଜିଷ୍ଟ୍ରାର ତଥା ଫାଇନାନ୍ସ ଅଫିସର ପ୍ରଫେସର ଏନ୍ ସି ପଣ୍ଡାଙ୍କ ସମେତ ଏକାଡେମିକ ଓ ପ୍ରଶାସନ ପରାମର୍ଶଦାତା ପ୍ରଫେସର ଭି ସି ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ଡିନ୍ ପ୍ରଫେସର ଶରତ କୁମାର ପଳିତା ଓ ରାଜଭାଷା ସେଲ୍ ର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା, ଅଧ୍ୟାପକ, କର୍ମଚ଼ାରୀ ଓ ଛାତ୍ରଛାତ୍ରୀମାନେ ଏକାଠି ହୋଇ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରିଥିଲେ।

କାର୍ଯ୍ୟକ୍ରମର ପରବର୍ତ୍ତୀ ଭାଗରେ ଏକାଡେମିକ ବ୍ଲକ- ୩ର ସେମିନାର ହଲରେ କନ୍ୟା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଏନ୍ ସି ପଣ୍ଡା, ପ୍ରଫେସର ଭିସି ଝା, ପ୍ରଫେସର ହେମରାଜ ମୀନା ଙ୍କ ସମେତ ଅଧ୍ୟାପକ ଓ ଶିକ୍ଷକମାନେ ଦେବୀ ଦୁର୍ଗାଙ୍କ ନବମ ଅବତାର ସିଦ୍ଧିଦାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କନ୍ୟା ପୂଜନ ରୀତିନୀତିରେ ନଅ ବର୍ଷରୁ କମ୍ ବୟସର ସାତ ଜଣ ବାଳିକାଙ୍କୁ ପୂଜା କରିବା ସହ ମନ୍ତ୍ର ପାଠ କରାଯାଇଥିଲା।

ପରେ ପରେ ଛାତ୍ରୀ ନିବାସ ନିକଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯେଉଁଥିରେ ଏକ ଅଶ୍ୱସ୍ଥ ଗଛ ରୋପଣ କରାଯାଇଥିଲା, ଯାହା ବିଶ୍ୱବ୍ୟାପୀ ବନୀକରଣ ପ୍ରୟାସ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାର ପ୍ରତୀକ ଥିଲା । ବୃକ୍ଷରୋପଣ ଭଳି ପଦକ୍ଷେପକୁ ପ୍ରୋତ୍ସାହିତ କରି ବିଶ୍ୱବିଦ୍ୟାଳୟ ଏହାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ଦାୟିତ୍ୱବୋଧର ଭାବନା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ପୃଥିବୀକୁ ପ୍ରୋତ୍ସାହିତ କରିବ ।

ସାଂସ୍କୃତିକ କମିଟିର ଆବାହକ ଡ. କାକୋଲି ବାନାର୍ଜୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, କର୍ମଚ଼ାରୀ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ସେମାନଙ୍କ ଗଭୀର ଉତ୍ସାହକୁ ପ୍ରତିଫଳିତ କରିଥିଲେ।

ସମସ୍ତ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ଗଣିତ ବିଭାଗ ପକ୍ଷରୁ ସ୍ୱର୍ଗତ ଛାତ୍ରୀ ସନ୍ଧ୍ୟାରାଣୀ ଦାସଙ୍କ ସ୍ମୃତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଚ଼କ୍ରଧର ତ୍ରିପାଠୀ ସ୍ୱର୍ଗତ ସନ୍ଧ୍ୟାରାଣୀ ଦାସଙ୍କ ସମ୍ମାନରେ ଏକାଡେମିକ ବ୍ଲକ ସମ୍ମୁଖରେ ଏକ ବୃକ୍ଷରୋପଣ କରିଥିଲେ, ଯାହା ତାଙ୍କୁ ସ୍ମରଣ କରିବା ପାଇଁ ବିଶ୍ୱବିଦ୍ୟାଳୟର ସ୍ଥାୟୀ ପ୍ରତିବଦ୍ଧତାର ପ୍ରତୀକ ଥିଲା ।

ପ୍ରଫେସର ତ୍ରିପାଠୀଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ସମୁଦାୟ ପୁଲୱାମାର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦେଶର ସୁରକ୍ଷା ପାଇଁ ବୀର ଯବାନଙ୍କ ବଳିଦାନକୁ ସ୍ମରଣୀୟ କରିଥିଲା।



# ନୂଆ- ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପନୀ ଉତ୍ସବ



**ନବରଙ୍ଗପୁର:**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚ଼ାର ପ୍ରସାର ପରିପ୍ରେକ୍ଷୀରେ ନୂଆ -ଓ ସାହିତ୍ୟ ପ୍ରତିଯୋଗିତା ଉଦଯାପନ କାର୍ଯ୍ୟକ୍ରମ ନବରଙ୍ଗପୁର ମହିଳା ସ୍ନାତକ ମହାବିଦୟାଳୟରେ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ତଥା ଏହି କାର୍ଯ୍ୟକ୍ରମ ର ନୋଡାଲ ଅଫିସର୍ ଶ୍ରୀମତୀ ମାଳେଶ୍ୱରୀ ସାହୁ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମର ମୂଖ୍ୟ ଅତିଥି ତଥା ମହାବିଦ୍ୟାଳୟ ପରିଚ଼ାଳନା କମିଟିର ଅଧକ୍ଷ ଶ୍ରୀ ମହେଶ୍ୱର ଚ଼ନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଓଡ଼ିଆ ଭାଷା ସୁରକ୍ଷା ରେ ଛାତ୍ରୀ ଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ । ବିଶିଷ୍ଟ ସାହତ୍ୟିକ ତଥା ସାଇ କ୍ୟାର ର ଅଧକ୍ଷ ଶ୍ରୀ ଦୁର୍ଗା ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ନାଟ୍ୟକାର ତଥା ଆଶା କିରଣ ର ଅଧକ୍ଷ ଶ୍ରୀ ଜଗନ୍ନାଥ ବେହେରା ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଶା ର ସଂସ୍କୃତି ଓ ଏହା ଏକ ମହାନ୍ ସଂସ୍କୃତି ବୋଲି କହିଥିଲେ। ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ଡ଼ ସଂଯୁକ୍ତା ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ଅଧକ୍ଷା ଶ୍ରୀମତୀ ସାହୁ ଭାଷା ସୁରକ୍ଷା ଓ ସମୃଦ୍ଧ ଓଡ଼ିଶା ଗଠନ ରେ ଛାତ୍ରୀ ଙ୍କ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ରେ ଅଧ୍ୟାପକ ଶ୍ରୀ ନୃପେନ୍ଦ୍ର ନାଥ ଖୋସଲା , ଶ୍ରୀ ବିନୋଦ ବିହାରୀ ପ୍ରଧାନ, ତ୍ରିପତି ମାଳି, ଅଧ୍ୟାପିକା ଶ୍ରୀମତୀ ତାଇରା ବେଗାମ୍, ଅଧ୍ୟାପିକା ଶ୍ରୀମତୀ ରଞ୍ଜୁଷା କୁମାରୀ ପ୍ରହରାଜ ଏବଂ ସୁନୀତା ପାତ୍ର , ଡ ଏମ ରୋହିଣୀ ,ଶ୍ରୀ ପଞ୍ଚାନନ ଦାସ, ଶ୍ରୀ ଭୁବନ ହରିଜନ, ଶ୍ରୀ ଅକ୍ଷୟ ନାୟକ, ଶ୍ରୀ ପଙ୍କଜ ଗରଡ଼ା,ଶ୍ରୀ ଭୁବନ ଭକ୍ତ ସମେତ ମହାବିଦ୍ୟାଳୟ ର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ବକ୍ତୃତ , କୁଇଜ୍ ଓ ହସ୍ତାକ୍ଷର ପ୍ରତିଯୋଗିତା ରେ ବହୁସଂଖ୍ୟାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀ ଲକ୍ଷ୍ମୀକାନ୍ତ ସୌରା ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଦୁଇଦିନିଆ କର୍ମଶାଳା ଉଦଘାଟିତ





**ଗୁଣୁପୁର:**ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଦୁଇଦିନିଆ କର୍ମଶାଳା ଉଦଘାଟିତ ହୋଇଯାଇଛି । ସ୍କୁଲ ଅଫ ମ୍ୟାନେଜମେଣ୍ଟ ଓ ନୂଆଦିଲ୍ଲୀ ସ୍ଥିତ ରିସର୍ଚ୍ଚ ଫୋରମ ସହବନ୍ଧନ ରେ ଆୟୋଜିତ ଏହି କର୍ମଶାଳାରେ 'ଉଦ୍ୟୋଗୀ ଆର୍ଥିକ ସମସ୍ୟା ଏବଂ ଚ଼୍ୟାଲେଞ୍ଜ ମାଧ୍ୟମରେ ଗ୍ରାମୀଣ ଭାରତକୁ ସଶକ୍ତ କରିବା' ସମ୍ପର୍କରେ ଆଲୋଚ଼ନା ହୋଇଥିଲା । ଏଥିରେ ମେଘାଳୟ ସ୍ଥିତ ନର୍ଥ-ଇଷ୍ଟନ ହିଲ ୟୁନିଭର୍ସିଟି ର ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର କୈଳାଶ ଚ଼ନ୍ଦ୍ର ବିଶ୍ୱାଳ,ଖୋର୍ଦ୍ଧା ସ୍ଥିତ ପି .ଏନ. ଅଟୋନମସ କଲେଜର ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ସୁଶୀଲ କୁମାର ପଟନାୟକ,ଉଦ୍ୟୋପତି ସୁଧୀର କୁମାର ପାଣିଗ୍ରାହୀ , ସ୍କୁଲ ଅଫ ଇଂଜିନିରିଂର ଡିନ ଡ଼ ଏ ବି ଶ୍ରୀନିବାସ ରାଓ,ସ୍ଥାନୀୟ ଆଇ ପି ଓ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇ ନୂତନ ଜ୍ଞାନ କୌଶଳକୁ ପ୍ରୟୋଗ କରି ସଫଳ ଉଦ୍ୟୋଗୀ ହେବ ସହ ନିଜସ୍ୱ ରୋଜଗାରକ୍ଷମ ହେବା ଓ ବେକାରୀ ଦୁରୀକରଣ ହେବା ପାଇଁ ପ୍ରବର୍ତ୍ତାଇ ଥିଲେ। ବିଭାଗର ମୁଖ୍ୟ ଡ଼ ସୌମେନ୍ଦ୍ର ଦାଶ ଅତିଥି ପରିଚ଼ୟ କରିଥିବା ବେଳେ ଅଧ୍ୟାପକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରିସର୍ଚ୍ଚ ଫୋରମ ଇଣ୍ଡିଆ ଓ ସ୍କୁଲ ଅଫ ମ୍ୟାନେଜମେଣ୍ଟ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା ।

# ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ତପିମଣି ଜାନି



ଶ୍ରୀଯୁକ୍ତ ତପିମଣି ଜାନୀ ଚ଼ତୁର୍ଥ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ଉତ୍ସବ

**ଭବାନୀପାଟଣା:** କଳାହାଣ୍ଡିର ଗର୍ବ ଓ ଗୌରବ ଆଣିଛନ୍ତି, ନର୍ଲା ବ୍ଲକ ଶିକ୍ଷା ଅଧିକାରୀ ତପୀମଣି ଯାନୀ,ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୁଲ୍ୟରେ ବୁଧବାର ଅନୁଷ୍ଠିତ ହେଇଯାଉଛି ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କାର୍ଯ୍ୟକ୍ରମ । ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' କ୍ଷେତ୍ରରେ 'ବ୍ୟକ୍ତିଗତ'ଠାରୁ ନେଇ 'ସାଂଗଠନିକ' ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଶ୍ରେଷ୍ଠମାନଙ୍କୁ ବଛାଯାଇ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି । ମାଧ୍ୟମିକ ଶିକ୍ଷକ ବର୍ଗରେ ଜୟଦୁର୍ଗା ହାଇସ୍କୁଲ, ନର୍ଲାରୋଡ଼ର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ରାଜ୍ୟ ସ୍ତରରେ ଶ୍ରେଷ୍ଠ ୧୦ଜଣ ବିଜ୍ଞାନ ଶିକ୍ଷକ ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ବର୍ଗରେ ଶ୍ରେଷ୍ଠ ୧୩ଟି ବ୍ଲକ ମଧ୍ୟରେ ନର୍ଲା ବ୍ଲକ ଶିକ୍ଷା ଅଧିକାରୀ ରେ ସମ୍ମାନିତ ହେଇ ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିଅମ ରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ 'ମୋ ସ୍କୁଲ୍ ଅଭିଯାନ ପରିଚ଼ାଳନା ସଂଗଠନ' ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ବିଭାଗ ମନ୍ତ୍ରୀ ସୁଦାମ ମାଣ୍ଡି, ଅନୁସୂଚ଼ିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତରାଜ ଓ ପାନୀୟଜଳ, ସୂଚ଼ନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ଯୋଗଦାନ କରି ଥିଲେ।

# ସାମାଜିକ ଉଥାନରେ ମହିଳାଙ୍କ ସହାଭାଗିତା ଜରୁରୀ: ପ୍ରଶାନ୍ତ



**ରାଉରକେଲା :** ସେକ୍ଟର -୧୬ ଅନ୍ତର୍ଗତ ସ୍ଥାନୀୟ ପାର୍କ ସଂନିକଟ ପଡିଆରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ରଘୁନାଥପାଲ୍ଲୀ ପ୍ରାକ୍ତନ ବିଧାୟକ ପାର୍ଥୀ ପ୍ରଶାନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଜନନୀ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ପ୍ରଶାନ୍ତ ଯୋଗ ଦେଇ ଏଭଳି ସମାବେଶର ଆବଶ୍ୟକତା ଏବଂ ଗୁରୁତ୍ୱ ସମ୍ପର୍କରେ ନିଜ ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ସେ କହୁଥିଲେ ପରିବର୍ତ୍ତିତ ପରିସ୍ଥିତିରେ ସରକାର ଅନେକ ଲୋକାଭିମୁଖୀ ଯୋଜନା ପ୍ରଚ଼ଳନ କରିଛନ୍ତି । ଏଥିରେ ମହିଳାମାନଙ୍କ ଭୂମିକା ଏବଂ ସାମାଜିକ ଉଥାନରେ ସହାଭାଗିତା ଅତ୍ୟନ୍ତ ଜରୁରୀ ବୋଲି ପ୍ରଶାନ୍ତ ପ୍ରକାଶ କରିଥିଲେ । ନିଜ ନିଜ ଅଂଚ଼ଳରେ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଏବଂ ଏଥିରେ ଅନ୍ୟ କିଛି ବାଧକ ଅଛି କି ବୋଲି ସେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସହରର ଅନେକ ବସ୍ତି ବାସିନ୍ଦା ସମସ୍ତଙ୍କ ଭଳି ସରକାରୀ ଯୋଜନାର ସୁଫଳ ପାଇବା ଆବଶ୍ୟକ ଏବଂ ସମ୍ପୃକ୍ତ ବସ୍ତିର ମଧ୍ୟ ଅନୁରୂପ ବିକାଶ ଜରୁରୀ । ଏଣୁ ଯେଉଁ ମା ଭଉଣୀ କୌଣସି ଯୋଜନାରୁ ବଞ୍ଚିତ ଥିଲେ ତାଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି ପ୍ରଶାନ୍ତ ପ୍ରତିଶୃତି ପ୍ରଦାନ କରିଥିଲେ । ଯୋଜନା ସେତେବେଳେ ସଫଳ ହେବ ଯେତେବେଳେ ସମାଜର ପ୍ରତ୍ୟକ ବର୍ଗ ଏହାର ସୁଫଳ ପାଇବେ । ଏଥିରେ ଉପସ୍ଥିତ ପାଞ୍ଚ ସହରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଆହ୍ୱାନ ଦେଇ ସେ କହିଲେ ନିଜ ସମସ୍ୟା ସହ ନିଜ ବସ୍ତି ତଥା ଅଂଚ଼ଳର ସର୍ବାଙ୍ଗୀନ ବିକାଶ ନେଇ ଆଗକୁ ଆସନ୍ତୁ ଏବଂ ଏହାର ଭାଗିଦାର ହୁଅନ୍ତୁ । ପ୍ରତ୍ୟକ ପରିସ୍ଥିତିରେ ପ୍ରଶାନ୍ତ ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ସମସ୍ୟାର ସମାଧାନ ପାଇଁ ପ୍ରସ୍ତୁତ । ଆନ୍ତରିକତା ଏବଂ ସହଯୋଗ ସଫଳର ମୂଳ ଉତ୍ସ ବୋଲି କହି ପ୍ରଶାନ୍ତ ଉପସ୍ଥିତ ମହିଳାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ସମାବେଶରେ ସଂଯୁକ୍ତା ମହାନ୍ତି, ଲକ୍ଷ୍ମୀ ପ୍ରିୟା ରାୟ, ସଞ୍ଜୁଲତା ସାମଲ, ଲକ୍ଷ୍ମୀପ୍ରିୟା ସାହୁ, ପାର୍ବତୀ ମଣ୍ଡଳ, ସବିତା ଝା, ବାସନ୍ତୀ ଖଡିଆ ସନ୍ଧ୍ୟା ବେହେରା, ରାଧା ଭୂମିଜ, ଅମିତା ସିଂ, ଫୁଲଜେନସିଆ ସୋରେନ ଏବଂ ସୁନିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଏବଂ ଆମ ଓଡିଶା ନବୀନ ଓଡିଶା ସଚେତନ ଶିବିର











ଗୁଣପୁର:ରାୟଗଡା ଜିଲ୍ଲା ଗୁଣପୁର ସଦର ମହକୁମା ଟାଉନ୍ ହଲ୍ ଠାରେ ଗୁଣପୁର ପୌର ପରିଷଦ ତରଫରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଆମ ଓଡିଶା ନବୀନ ଓଡିଶା ସଚେତନ ଶିବିର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଗୁଣପୁର ଶ୍ରୀଯୁକ୍ତ ରଘୁନାଥ ଗମାଙ୍ଗ, ପୌର ପରିଷଦ ଗୁଣପୁର ର ଅଧକ୍ଷା ଶ୍ରୀମତୀ ମମତା ଗୌଡ଼, ଉପ ଜିଲ୍ଲାପାଳ ଗୁଣପୁର ସୁଶ୍ରୀ କିରଣଦୀପ କୋର୍ ସହୋଟା , ପୌର ପରିଷଦ ର ଉପାଧକ୍ଷ ଶ୍ରୀ ଶିବ ପ୍ରସାଦ ଗୌଡ, ପୌର ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସ୍ୱସ୍ତିକ ଜମାଦାର ପ୍ରମୁଖ ଉପସ୍ଥିତ ରହି ମଞ୍ଚାସୀନ ରହିଥିଲେ । କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଏବଂ କଣ୍ଠଶିଳ୍ପୀ ସିଦ୍ଧାର୍ଥ ଦାଶ ଙ୍କ ଦ୍ୱାରା ଭଜନ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ କୁନି କୁନି ଶିଶୁ ମାନଙ୍କ ଦ୍ୱାରା ଓଡିଶୀ ଓ ଭଜନ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା । ଉପସ୍ଥିତ ଅତିଥି ମାନେ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଏବଂ ଓଡ଼ିଆ ଭାଷାର ସୁଦୀର୍ଘ ଇତିହାସ ବିଷୟରେ ଆଲୋଚ଼ନା କରିଥିଲେ। ଉପସ୍ଥିତ ବରିଷ୍ଠ ସାହିତ୍ୟିକ ଶ୍ରୀ ନରସିଂହ ପ୍ରସାଦ ଦାଶ ଓଡ଼ିଆ ସାହିତ୍ୟ ଓ ଆମ ସଂସ୍କୃତି ଉଭୟର ସାମାଜିକ ଜୀବନ ସହ କିପରି ଅଙ୍ଗାଙ୍ଗୀ ଭାବରେ ଜଡିତ ତାହା ଦର୍ଶାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ କବିତା ଆସର ର ଆୟୋଜନ କରାଯାଇଥିଲା ସେଥିରେ ଗୁଣପୁର ମାଟି ର ବିଶିଷ୍ଟ କବି ଓ କବୟତ୍ରୀ ଯଥା ନରସିଂହ ପଟ୍ଟନାୟକ, ସଂଯୁକ୍ତା ତ୍ରିପାଠୀ , ରଜନୀ ରାଣୀ ମିଶ୍ର ଓ ବାଣୀଶ୍ରୀ ମହିଳା ସଂଘ ର ସଭାପତି କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଶେଷରେ ଗୁଣପୁର ମାଟି ର ଗର୍ବ ଓ ଗୌରବ ଭାବେ ପରିଚ଼ିତ ବିଶିଷ୍ଟ କବି ଶ୍ରୀ କାଳୀ କିଙ୍କର ମିଶ୍ର , ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ନରସିଂହ ଦାଶ, ବିଶିଷ୍ଟ କବି ଓ ଲେଖକ ଶ୍ରୀ ପ୍ରତାପ ରାୟ , କବୟତ୍ରୀ ସଂଯୋଜିକା ଶ୍ରୀମତୀ ବେବି ରାଣୀ ନନ୍ଦ , ଯୁବ ସଂଯୋଜିକା ଭାବେ ଶ୍ରାବଣୀ ରଥଙ୍କୁ ପୁଷ୍ପଗୁଚ୍ଛ , ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମ ର ଉଦଘୋଷକ ତଥା ଯୁବ ସଂଯୋଜିକା ଭାବେ ସୁଶ୍ରୀ ଶ୍ରାବଣୀ ରଥ ମଞ୍ଚ ସଂଯୋଜନା କରିଥିବା ବେଳେ ପୌର ପରିଷଦର ମୁଖ୍ୟ ଯନ୍ତ୍ରୀ ଶ୍ରୀ ରବିନ୍ଦ୍ର ନାଥ ଦାଶ କାର୍ଯ୍ୟକ୍ରମ ପରିଚ଼ାଳନା ରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ପରିଷଦ ର ସମସ୍ତ କାଉନ୍ସିଲର , ଗଣ ମାଧ୍ୟମ ପ୍ରତିନିଧି , ବାଳିକା ମହାବିଦ୍ୟାଳୟ ର ବହୁ ଛାତ୍ରୀ ଏବଂ ଗୁଣପୁର ଅଞ୍ଚଳ ର ବୁଦ୍ଧିଜିବୀ ଓ ଜନସାଧାରଣ ମାନେ ଉପସ୍ଥିତ ରହିଥିଲେ। ଗୁଣପୁର ରେ ପ୍ରଥମ କରି ଏଭଳି ଏକ କାର୍ଯ୍ୟକ୍ରମ ହୋଇଥିବାରୁ ସାଧାରଣ ରେ ପୌର ପରିଷଦ କୁ ଭୂୟସୀ ପ୍ରଶଂସା କରାଯାଇଛି ।





2024-2025



# ADMISSION OPEN

## Maharishi Public School, Baripada

## STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2023)

**Find the Difference**
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




# ନିର୍ବାଚନୀ ଗସ୍ତ କରୁଥିବା ଅନ୍ୟ ଦଳର ନେତାଙ୍କୁ ଦରଖାସ୍ତ ଦେଇ ଦେଖନ୍ତୁ, କେତେ ଦିନରେ ହେଉଛି ସମାଧାନ : କାର୍ତ୍ତିକ ପାଣ୍ଡିଆନ



**ଭୁବନେଶ୍ୱର, ୧୪/୨(ପିଏନ):** ଏବେ ନିର୍ବାଚନୀ ମାହୋଲ ତିଆରି ହେଲାଣି । ଗାଁ ଗାଁରେ ବିଭିନ୍ନ ଦଳର ନେତା ବୁଲୁଛନ୍ତି । ସେମାନଙ୍କୁ ଦାବିପତ୍ର ଦେଇ ଦେଖନ୍ତୁ । କେତେ ଦିନରେ ସେମାନେ ଦାବି ପୂରଣ କରୁଛନ୍ତି। କେତେ ଦିନରେ ଦରଖାସ୍ତର ସମାଦାନ ହେଉଛି । ବିରୋଧୀ ଦଳର ନେତାମାନଙ୍କ ସମ୍ପର୍କରେ ଏମିତି ତୀର୍ଯ୍ୟକ ମନ୍ତବ୍ୟ ଦେଇଛନ୍ତି ଫାଇଭ-ଟି ଓ ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ।

ଆଜି ଭିସି ମାଧମରେ ସମ୍ବଲପୁର ଜିଲ୍ଲାର ଲୋକଙ୍କ ସହ କଥା ହେବା ସହ ବିଭିନ୍ନ ପ୍ରକଳ୍ପ ପାଇଁ ମଂଜୁରୀପତ୍ର ବଣ୍ଟନ ପର୍ବରେ ଯୋଗ ଦେଇଥିଲେ କାର୍ତ୍ତିକ ପାଣ୍ଡିଆନ । ନିକଟରେ ସେ ସମ୍ବଲପୁର ଗସ୍ତ ବେଳେ ଲୋକଙ୍କ ଠାରୁ ସଂଗ୍ରହ କରିଥିବା ଦରଖାସ୍ତ ଭିତ୍ତିରେ ବିଭିନ୍ନ ପ୍ରକଳ୍ପକୁ ଆଜି ମଂଜୁରୀପତ୍ର ପ୍ରଦାନ କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନା ଆନୁକୂଲ୍ୟରେ ୫୮ କୋଟି ବ୍ୟୟ ଅଟକଳର ୧୩୪୭ଟି ପ୍ରକଳ୍ପ ପାଇଁ ମଂଜୁରୀପତ୍ର ଆଜି ପ୍ରଦାନ କରାଯାଇଛି । ଏଥିପାଇଁ ସମ୍ବଲପୁର ଜିଲ୍ଲାର ଚ଼ାରୋଟି ସ୍ଥାନ- ରେମେଡ ପଡିଆ, କୁଚ଼ିଣ୍ଡା କଲେଜ ପଡିଆ, ଜୁଜୁମରା ହକି ପଡିଆ, ରେଢାଖୋଲ ଏବଂ ବିଶାଲଖିଣ୍ଡା ପଡିଆରେ ପ୍ରକଳ୍ପ ମଂଜୁରୀପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହିସବୁ କାର୍ଯକ୍ରମରେ ଯଥାକ୍ରମେ ମନ୍ତ୍ରୀ ନିରଂଜନ ପୂଜାରୀ, ରୀତା ସାହୁ, ପ୍ରଫୁଲ୍ଲ ମଲ୍ଲିକ ଏବଂ ଟୁକୁନି ସାହୁ ଯୋଗ ଦେଇଥିଲେ। ଏହିସବୁ ସ୍ଥାନ ସହ ଭିଡିଓ କନଫରେନସିଂ ଜରିଆରେ ଯୋଡି ହୋଇଥିଲେ ଫାଇଭ-ଟି ଓ ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ।

ଗତ ଜାନୁଆରୀ ୧୨ ଓ ୧୩ ତାରିଖରେ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକର ସମୀକ୍ଷା କରିବା ସହ ଲୋକଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ଏହି ଦରଖାସ୍ତ ମଧ୍ୟରେ ଥିବା ଧାର୍ମିକ ଅନୁଷ୍ଠାନ ରୂପାନ୍ତରଣ ପ୍ରସ୍ତାବ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପ୍ରସ୍ତାବ ନେଇ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ସମସ୍ତ ଦରଖାସ୍ତର ସମୀକ୍ଷା କରି ଆଜି ୧୩୪୭ଟି କାର୍ଯ୍ୟର ମଂଜୁରୀ ଆଦେଶ ବଣ୍ଟନ କରାଯାଇଛି।

ଏହି ଅବସରରେ କାର୍ତ୍ତିକ ପାଣ୍ଡିଆନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢେ ଚ଼ାରି କୋଟି ଓଡିଆଙ୍କୁ ତାଙ୍କ ପରିବାର ବୋଲି ଭାବନ୍ତି । କଥା କମ କୁହନ୍ତି, କିନ୍ତୁ ଲୋକଙ୍କ ପାଇଁ ସବୁବେଳେ କାମ କରନ୍ତି । ଏତେ କମ ଦିନ ମଧ୍ୟରେ ଲୋକଙ୍କ ଦରଖାସ୍ତ ଉପରେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ପଦକ୍ଷେପ ନେଇପାରନ୍ତିବ। ଏକ ତୁଳନାତ୍ମକ ଚ଼ିତ୍ର ଉପସ୍ଥାପନ କରିବାକୁ ଯାଇ ସେ କହିଥିଲେ ଲୋକେ ଏକଥାକୁ ପରୀକ୍ଷା କରିପାରନ୍ତି । ଏବେ ରାଜ୍ୟରେ ନିର୍ବାଚ଼ନୀ ମାହୋଲ ଆରମ୍ଭ ହୋଇଗଲାଣି, ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନେ ଆସି ବଡ ବଡ ପ୍ରତିଶ୍ରୁତି ଦେଉଥିବେ । ସେମାନଙ୍କୁ ଜନସାଧାରଣ ଦରଖାସ୍ତ ଦେଇ ଦେଖନ୍ତୁ ସେମାନେ କେତେ ଦିନରେ ତାହା ପୂରଣ କରୁଛନ୍ତି, ନା ବିଲକୁଲ ପୂରଣ କରୁନାହାଁନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାତ୍ର ପାଂଚ଼ରୁ ଦଶ ଦିନ ଭିତରେ ଲୋକଙ୍କ ଆବେଦନ ଉପରେ ପଦକ୍ଷେପ ନେଉଛନ୍ତି । ତାଙ୍କର ସମକକ୍ଷ କେହି ହୋଇପାରିବେ ନାହିଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଜନସାଧାରଣ ହୃଦୟର ସହିତ ଆଶୀର୍ବାଦ କରନ୍ତୁ ବୋଲି କାର୍ତ୍ତିକ ପାଣ୍ଡିଆନ ଅପିଲ କରିଥିଲେ। ବିଭିନ୍ନ ଅଞ୍ଚଳକୁ ମିଳିଥିବା ପ୍ରକଳ୍ପ ମଂଜୁରୀପତ୍ର ପାଇଁ ବିଭିନ୍ନ ଅଞ୍ଚଳବାସୀ ଭିସି ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରକଳ୍ପ ମଂଜୁରୀ ବିତରଣ ବେଳେ ସମସ୍ତେ ଗଦଗଦ୍ ହୋଇ ପୂର୍ବରୁ ଏଭଳି କେବେ ହୋଇନଥିବା ପ୍ରକାଶ କରିଥିଲେ । ସମ୍ବଲପୁର ପାଇଁ ଏତେ ସଂଖ୍ୟକ ପ୍ରକଳ୍ପ ପୂର୍ବରୁ କେବେ ମଂଜୁର ହୋଇନଥିବା ମଧ୍ୟ ଲୋକେ କହିଥିଲେ ।

## ଉଦ୍‌ଘାଟିତ ହେଲା କିଟ୍ ଫେଷ୍ଟ ୭ମ ସଂସ୍କରଣ

# ସାଂସ୍କୃତିକ ସନ୍ଧ୍ୟାରେ ସୁହାନା ସଫର ଛାତ୍ରଛାତ୍ରୀଙ୍କ ମନ ମୋହିଲା




ଭୁବନେଶ୍ୱର, (ପିଏନ): ପ୍ରତିବର୍ଷ ପରି ଚଳିତବର୍ଷ ଦେଶର ସର୍ବ ବୃହତ ଟେକ୍ନୋ-କଲଚରାଲ୍ ଫେଷ୍ଟ କୁହାଯାଉଥିବା କିଟ୍ ଫେଷ୍ଟର ୭ମ ସଂସ୍କରଣକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଂଧ୍ୟାରେ ସୁହାନା ସଫର ଉଇଥ ରଫି, କିଶୋର, ଲତା ଆଣ୍ଡ କେକେ ସହ ତାଳ ଦେଇ ଝୁମିଥିଲେ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ। ଅତି ଶୃଙ୍ଖଳିତ ଢ଼ଙ୍ଗରେ କିଟ୍ ଫେଷ୍ଟ ୨୦୨୪ ଆୟୋଜନ ହୋଇଥିବା ବେଳେ ଆଜି ଦିନ ତମାମ କଳା, ସଂସ୍କୃତି, ସାହିତ୍ୟ ଓ ବୈଷୟିକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କିଟ୍ ଫେଷ୍ଟ ହେଉଛି ଭାରତର ସର୍ବ ବୃହତ ଟେକ୍ନୋ-କଲଚରାଲ୍ ଫେଷ୍ଟିଭାଲ। କିଟ୍ ସମେତ ଦେଶର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସର୍ଜନଶୀଳତା ଓ ଦକ୍ଷତା ପ୍ରଦର୍ଶନ କରିବାର ଏହା ଏକ ପ୍ରକୃଷ୍ଟ ମଞ୍ଚ। ତିନି ଦିନ ଧରି ଚାଲିବାକୁ ଥିବା କିଟ୍ ଫେଷ୍ଟରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବୈଷୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେବେ। ଏଥିରେ ମୋଟ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି । ୧୫ ତାରିଖରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କଳାକାର ନିଉକ୍ଲିଆଙ୍କ ପ୍ରଦର୍ଶନ ରହିଥିବା ବେଳେ ୧୬ତାରିଖ ଷ୍ଟାର ନାଇଟ୍‌ର ମୁଖ୍ୟ ଆକର୍ଷଣ ହେଉଛନ୍ତି ଭାରତର ବିଶିଷ୍ଟ କଣ୍ଠଶିଳ୍ପୀ ଜୁବିନ୍ ନଉଟିଆଲ୍।

କିଟ୍ ଫେଷ୍ଟ ୨୦୨୪ରେ କିଟ୍ ସମେତ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମୋଟ ୧୫ ହଜାର ଛାତ୍ରଛାତ୍ରୀ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଜି ଦିନ ସାରା ପ୍ରତିଯୋଗିତା ଚାଲିଥିଲା। ସେଥିରେ ରହିଛି ଫୁଏଗୋ, ବଜ୍ ରାଇଟ୍ ଇଅର, କ୍ୱେଷ୍ଟ, ଜରା ନାଚକେ ଦିଖା, ସୋଲୋ, ସ୍ୱଟଲାଇଟ୍, ମିସ୍ ମ୍ୟାଚ୍, ମାଇଟି ଷ୍ଟ୍ରକଚର୍, ଆଷ୍ଟ୍ରୋ ଲାଇଫ, ନଲେଜ କ୍ଲାସ୍, ମାଇଣଡ ମେଜ୍, ମେକ ଜିପିଟି, ଟେକାଥଲନ, କ୍ରୋନୋସ, କାଇରସ, କିକ୍‌ଷ୍ଟାର୍ଟ, ପ୍ରେସ ରିଲିଜ ରାଇଟିଂ, ବ୍ରାଣ୍ଡ ସଂଗ୍ରାମ, ରୋବୋରେଜ, ବ୍ରେନ୍ ବ୍ଲିଜ୍ ଓ ଟ୍ରାକ୍ ଟ୍ରେସର୍ ଆଦି ୭୦ଟି ବିଭାଗରେ ପ୍ରତିଯୋଗିତା ରହିଛି।

ଆଜିର ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଅତିରିକ୍ତ କୁଳସଚିବ ଡ. ଶ୍ୟାମସୁନ୍ଦର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଫେଷ୍ଟ ପାଇଁ ସମଗ୍ର କିଟ୍ ପରିସର ଉତ୍ସବ ମୁଖର ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଓଡିଶାରେ ଚ଼ାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକର ସମୀକ୍ଷା ଏବଂ ପୁରୀ ରେଳ ଷ୍ଟେସନ ନୀରିକ୍ଷଣ



ଭୁବନେଶ୍ୱର(ପିଏନ) : ଦୁଇ ଦିନିଆ ଭୁବନେଶ୍ୱର ଗସ୍ତରେ ଆସି ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଚ଼ାଲୁରହିଥିବା ରେଳ ପ୍ରକଳ୍ପ ଓ ଯାତାୟାତ ସୁବିଧା ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ରେଳ ଷ୍ଟେସନଗୁଡିକର ପୁନର୍ବିକାଶ କାର୍ଯ୍ୟ ଗୁଡିକର ଅଗ୍ରଗତି ଓ ସ୍ଥିତି ସହିତ ରାଜ୍ୟରେ ନିର୍ମାଣାଧୀନ ଥିବା ଅତି ଆବଶ୍ୟକ ଓ ଜନକୈନ୍ଦ୍ରିକ ପ୍ରକଳ୍ପ ଗୁଡିକର ଅଗ୍ରଗତିକୁ ଗୁରୁତ୍ୱାରୋପ କରିଥିଲେ ।

ବିଭିନ୍ନ ଖଣିଜ ବେଲ୍ଟ ଅଞ୍ଚଳ ସହିତ ବନ୍ଦର ଏବଂ ଶିଳ୍ପସଂସ୍ଥା ଗୁଡିକୁ ରେଳ ଲାଇନ ସଂଯୋଗ ସମେତ ରାଜ୍ୟରେ ଅତି ଜରୁରୀ ଏବଂ ଜନକୈନ୍ଦ୍ରିକ ରେଳ ପ୍ରକଳ୍ପର ଅଗ୍ରଗତି ଓ ତତସହିତ ରେଳ ଷ୍ଟେସନ ଗୁଡିକର ପୁନର୍ବିକାଶ ସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପରେ, ସନ୍ଧ୍ୟାରେ ଶ୍ରୀ ବୈଷ୍ଣବ ପୁରୀ ଷ୍ଟେସନ ନୀରିକ୍ଷଣ କରିବା ସହିତ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅଧିକାରୀ ମାନଙ୍କ ଠାରୁ ପଚ଼ାରି ବୁଝିଥିଲେ ।

ଏହି ସମୀକ୍ଷା ବୈଠକରେ ବୈଷ୍ଣବ ପାୱାର ପ୍ଲାଣ୍ଟ ସହିତ ବିଭିନ୍ନ ବନ୍ଦର ଏବଂ ଶିଳ୍ପକୁ ଶୀଘ୍ର କୋଇଲା ପରିବହନ ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ଦର ଏବଂ ଶିଳ୍ପ ସହିତ ଖଣିଜ ବେଲ୍ଟ ସହିତ ରେଳ ଲାଇନ ସଂଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରସ୍ତାବିତ ତିନୋଟି ପଣ୍ୟ ପରିବହନ କରିଡରର ପ୍ରାୟ ୪୦ ହଜାର କିଲୋମିଟରର ରେଳ ଲାଇନ ବିସ୍ତାର ସମ୍ପର୍କରେ ସେ ଅଗ୍ରାଧିକାର ଦେଇଛନ୍ତି ଯାହା ଦ୍ୱାରା ଯାତ୍ରୀବାହୀ ଟ୍ରେନରେ ବାଧା ଶୃଷ୍ଟି ନକରି ପଣ୍ୟ ପରିବହନ ତ୍ୱରାନ୍ୱିତ ହୋଇପାରିବ ।

ଏହା ବ୍ୟତୀତ ଭୁବନେଶ୍ୱର, କଟକ ଏବଂ ପୁରୀ ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ଚ଼ାଲୁରହିଥିବା ନିର୍ମାଣ କାର୍ଯ୍ୟ ଅଗ୍ରଗତି ଆଶାଠାରୁ ଅଧିକ ଅଛିବୋଲି ଅନୁଭବ କରି ଅଧିକାରୀ ମାନଙ୍କୁ ପ୍ରଶଂସା କରିଥିଲେ । ପରେ ସନ୍ଧ୍ୟାରେ ଶ୍ରୀ ବୈଷ୍ଣବ ପୁରୀ ରେଳ ଷ୍ଟେସନ ଯାଞ୍ଚ କରି ଅଗ୍ରଗତିର ଆକଳନ କରିଥିଲେ ଏବଂ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମାଙ୍କ ସହିତ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଶ୍ରୀ ପି ଶ୍ରୀନିବାସ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍ ବଜୱାଙ୍କ ସମେତ ରେଳପଥର ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୬୦ ତମ ଜନ୍ମଜୟନ୍ତୀ

**ଭୁବନେଶ୍ୱର,(ପିଏନ):** ପୂର୍ବତନ ବିଧାୟକ, ଯୁବନେତା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ଲଲଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୬୦ତମ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମ ଆଜି ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ରୋଟାରି କ୍ଲବ ଠାରେ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମୃତି କମିଟିର ଅଧକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରାଯାଇଥିଲା। ଭୁବନେଶ୍ୱରର ବିଭିନ୍ନ ସ୍କୁଲର ପ୍ରାୟ ୩୦୦ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ବଂଟନ କରାଯାଇଥିଲା। ପ୍ରାରମ୍ଭରେ ଜୟନ୍ତୀ କମିଟିର ସଭାପତି ଲୁଲୁ ଭାଇଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଛାତ୍ର ସମାଜ ଆଗେଇ ଯିବାପାଇଁ ସେ ଆହ୍ୱାନ ଦେଇଥିଲେ। ନଜିବୁର ରହମନ ଖାନ ଲୁଲୁ ମହାପାତ୍ର କେବଳ ଓଡ଼ିଶାର ନେତା ନଥିଲେ ସେ ସାରା ଭାରତ ବର୍ଷର ଜନମାନସର



ନେତା ବୋଲି କହିଥିଲେ। ରଶ୍ମିରଞ୍ଜନ ପଟ୍ଟନାୟକ ତାଙ୍କ ଛାତ୍ରଜୀବନ କାଳରେ ଛାତ୍ର ସଂଗଠନ ଦାୟୀତ୍ୱ ନେଇ ଛାତ୍ର ସମାଜକୁ ଆଗେଇ ନେବାରେ ତାଙ୍କର ବଳିଷ୍ଠ ନେତୃତ୍ୱ ଏବେବି ମନେପଡୁଛି। ରାଜୀବ ପଟ୍ଟନାୟକ କହିଥିଲେ ଯେ ଲୁଲୁ ମହାପାତ୍ର ମରିନାହାନ୍ତି ଅମର ହୋଇ ଛାତ୍ର ଯୁବ ସମାଜର ହୃଦୟରେ ସ୍ଥାନ ନେଇଛନ୍ତି। ଗିରିଜା ଶଙ୍କର ଦାଶ ଲୁଲୁ ମହାପାତ୍ର ଓଡ଼ିଶାର ଏକ ସିଂହ ଥିଲେ ବୋଲି କହିଥିଲେ। ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରକାଶ ଜେନା, ମିତ୍ରଭାନୁ ମହାପାତ୍ର, ପ୍ରଫୁଲ୍ଲ ସୁନାନୀ, ଲୋକନାଥ ମହାରଥି, ପ୍ରଦୀପ୍ତ ଦାସ, ଦେବୀ ବିଶୋଇ, ହେମନ୍ତ ବିଶ୍ୱାଳ, ଏସକେ ମୁସ୍ତାଫା, ତରୁଣ କାନ୍ତ ମିଶ୍ର, ଚନ୍ଦ୍ର ଶେଖର ପରିଡ଼ା, ମନୋତଷ ମହାପାତ୍ର, ନିରଞ୍ଜନ ଦାସ, ଦେବୀ ପ୍ରସାଦ ନାୟକ, ମିହିର ଆଚାର୍ଯ୍ୟ, ପ୍ରଦୀପ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ସନ୍ତୋଷ ବାରିକ, ରିଜୱାନ ଅଲ୍ଲିଖାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ସାଧାରଣ ସଂପାଦକ ଦୀପକ କୁମାର ସାହୁ ପରିଚାଳନା କରିଥିଲେ।




# ବିଜେପିର ମିଶ୍ରଣ ପର୍ବ



**ନବରଙ୍ଗପୁର:** ଯଶସ୍ୱୀ ନରେନ୍ଦ୍ର ମୋଦି ଜୀଙ୍କ ଜନ କଲ୍ୟାଣୀକାରୀ ଯୋଜନା ଓ ସୁଶାସନରେ ଅନୁପ୍ରାଣିତ ହୋଇ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବିଞ୍ଜିଲି ପଞ୍ଚାୟତ ର ଟିକିରା ଚୁରାଗାଁ ଗ୍ରାମର କଂଗ୍ରେସ ପାର୍ଟିର ୨ଥର ସରପଞ୍ଚ ପ୍ରାର୍ଥୀ ନାଥ ରନ୍ଧାରୀଙ୍କ ସହ ମହାଦେବ ରନ୍ଧାରୀ,ପଦ୍ମନ ପୁଜାରୀ, ବୁଦୁ ରନ୍ଧାରୀ, ସୁକ୍ରୁ ରନ୍ଧାରୀ, କ୍ଷେମରାଜ ରନ୍ଧାରୀ,ସମୁନ୍ଦୁ ରନ୍ଧାରୀ, ପଲାଦ ଭତ୍ରା, କମଲଲୋଚ଼ନ ଭତ୍ରା, ରଘୁନାଥ ଭତ୍ରାଙ୍କ ସମେତ ଅନେକ କର୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀଙ୍କ ଉପସ୍ଥିତି ରେ ବିଜେପିରେ ଯୋଗ ଦେଲେ । ନୂତନ କାର୍ଯ୍ୟକର୍ତ୍ତା ଙ୍କୁ ଦଳରେ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ଏହି ମିଶ୍ରଣ ପର୍ବ ନିଶ୍ଚିତ ଭାବରେ ଭାରତୀୟ ଜନତା ପାର୍ଟି କୁ ସୁଦୃଢ ଶକ୍ତିଶାଳୀ ହେବ ବୋଲି ମତ ପ୍ରକାଶ କଲେ ଶ୍ରୀ ଗୌରୀ ଶଙ୍କର ମାଝୀ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଭାଜପା ସମ୍ପାଦକ ସିମାଞ୍ଚଳ ବିଶୋଇ,କୋଷାଗୁମୁଡା ମଣ୍ଡଳ ସାଧାରଣ ସମ୍ପାଦକକରଣ ଭତ୍ରା, ଭୀମସେନ ମାଝୀ, ଦୟାସିନ୍ଧୁ ଭତ୍ରା, ମାନକୁ ରାମ ମାଝୀ, ଧନେଶ୍ୱର ଭତ୍ରା,ଫୁଲଦାସ ସୁନା, ବଡ଼ ମସିଗାଁ ମଣ୍ଡଳରୁ ରମେଶ ଭତ୍ରା, ନାରାୟଣ ଭାଇ ଉପସ୍ଥିତ ଥିଲେ ।

# ଅବିଭକ୍ତ କୋରାପୁଟ ଜିଲ୍ଲାର ୨୧ ପ୍ରକାର ଆଦିବାସୀମାନଙ୍କର ସମାଗମ

**ନବରଙ୍ଗପୁର:** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କନଫରେନ୍ସ ହଲରେ ଅବିଭକ୍ତ କୋରାପୁଟ ଜିଲ୍ଲା ର ୨୧ ପ୍ରକାର ଆଦିବାସୀ ମାନଙ୍କର ସମାଗମ ହୋଇଥିଲା । ଦିନ ୧୧ ଘଣ୍ଟା ସମୟରେ ଆଦିବାସୀ ନେତା ସହିଦ୍ ବୀର ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ରେ ଚ଼ାରି ଜିଲ୍ଲାର ଆଦିବାସୀ ମୁଖ୍ୟ ମାନେ ଫୁଲମାଳ ଦେଇ, ବ୍ଲକ ପରିସର କୁ ଆସିଥିଲେ। ମାଲକାନଗିରି ଜିଲ୍ଲା ଆଦିବାସୀ ସଂଘ ସଭାପତି ଶ୍ରୀ ଯୁକ୍ତ ଘେନୁ ମୁଦୁଲି ସ୍ୱାଗତ ଭାଷଣ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ରାୟଗଡ଼ା ଜିଲ୍ଲାର ସ୍ୱର୍ଗତ ଲକ୍ଷ୍ମୀ ମାଝୀ କେଶ୍ ବିଷୟରେ ରାୟଗଡ଼ା ଜିଲ୍ଲାର ଶ୍ରୀମତୀ ଲକ୍ଷ୍ମୀ ପ୍ରସ୍କା ବିଶଦ ଭାବେ ଜଣାଇ ଥିଲେ। ତା' ପରେ ବର୍ତ୍ତମାନ ର ଓଡ଼ିଶା ରାଜ୍ୟ ସରକାର ୧୬୯ ଗୋଷ୍ଠି କୁ ଆଦିବାସୀ ମାନ୍ୟତା ଦେବାପାଇଁ ଯେଉଁ ତାଲିକା କେନ୍ଦ୍ର ସରକାରଙ୍କୁ ପଠାଇଛନ୍ତି ,ସେ ବିଷୟରେ ଆଲୋଚ଼ନା କରାଯାଇଥିଲା।



ଏଥିରେ ଆଦିବାସୀ ସଂସ୍କୃତି, ପରମ୍ପରା,ଚ଼ାଲିଚ଼ଳନ, ରୀତି ,ନୀତି ସହ ଖାପ ଖାଉଥିବା ଲୋକଙ୍କୁ ସାମିଲ କରିବା ସହ ଗୋଟେ ଗୋଟେ ଆଦିବାସୀ ଗୋଷ୍ଠି କୁ ଭାଗ ଭାଗ କରି ଦିଆଯାଇଥିବା କଥା ଜଣା ପଡିଲା। ଶେଷରେ ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ଏକ ଆଦିବାସୀ ମହାସଙ୍ଘ ବା ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ଗଠନ କରାଗଲା। ଏହି କମିଟି ରେ ସବୁ ଜିଲ୍ଲାରେ ବସବାସ କରୁଥିବା ସବୁ ଆଦିବାସୀ ଗୋଷ୍ଠୀର ଜଣେ ଜଣେ ସଭ୍ୟ, ସଭ୍ୟା ନେ଼ଇ ୫୧ଜଣଙ୍କୁ ମନୋନୀତ କରାଗଲା। ନବରଙ୍ଗପୁର ଜିଲ୍ଲାର ବରିଷ୍ଠ ସଂଗଠକ ଅର୍ଜୁନ ଭତରାଙ୍କୁ ସର୍ବସମ୍ମତି କ୍ରମେ ଅବିଭକ୍ତ କୋରାପୁଟ ଜିଲ୍ଲାର ସଭାପତି ଭାବେ ଚ଼ୟନ କରାଯିବା ସହ ରାୟଗଡ଼ା ଜିଲ୍ଲା ନିବାସୀ ଟିବୁ ସରକାକୁ ସାଧାରଣ ସମ୍ପାଦକ, ଉପ ସଭାପତି ଭାବେ ସରସ୍ୱତୀ ନାୟକ, ବନମାଳୀ ମାଝୀ, ଦୈତାରି ଶୌରା, ଏବଂ କୃଷ୍ଣ ଚ଼ନ୍ଦ୍ର ଶାନ୍ତାଙ୍କୁ ଚ଼ୟନ କରାଗଲା। ଉପଦେଷ୍ଟା କମିଟିରେ ରାୟଗଡ଼ା ର ରାମଚ଼ନ୍ଦ୍ର ନିଶିକା, କୋରାପୁଟ ଜିଲ୍ଲାରୁ ଝାଲିଆ ପାମୀୟା, ନବରଙ୍ଗପୁରରୁ ଶଶିଧର ମାଝୀ, ମାଲକାଗିରିରୁ ଆନନ୍ଦ ମାଡି, ଆଇନ୍‌ପରାମର୍ଶ ଦାତା ଭାବେ ରବୀନ୍ଦ୍ର ମାଡି ଓ ଅବିଭକ୍ତ କୋରାପୁଟ ଜିଲ୍ଲାର ମୁଖ୍ୟ ସଂଗଠକ ଭାବେ ରାଜ ମୋହନ ଭତରାଙ୍କୁ ସର୍ବସମ୍ମତି କ୍ରମେ ଚ଼ୟନ କରାଗଲା। ଏହି ନବ ନିଯୁକ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀ ମହା ସଂଘ କର୍ମ କର୍ତ୍ତା ଗଣ ଆଗାମୀ ଦିନରେ ହେବାକୁ ଥିବା ରାୟଗଡ଼ା ପ୍ରୋଗ୍ରାମରେ ଶପଥ ପାଠ ନେବେ ବୋଲି ଜଣାପଡିଛି। ଶେଷରେ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ମାଲକାନଗିରି ଆଦିବାସୀ କର୍ମଚ଼ାରୀ ସେଲ୍‌ର ସଭାପତି ଆନନ୍ଦ ମାଡି ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ଝରିଗାଁଠାରେ ବୃହତ କୃଷକ ସମ୍ମିଳନୀ ଏବଂ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ



**ଝରିଗାଁ:**ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଝରିଗାଁ ବ୍ଲକ ସଦମହକୁମା ସ୍ଥିତ ମିନି ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ ମକା ମିଶନ ଆନୁକୁଲ୍ୟରେ ବ୍ଲକର ଦୁଇ ହଜାରରୁ ଉର୍ଦ୍ଧ ଚ଼ାଷୀଙ୍କୁ ନେଇ ଏକ ବୃହତ କୃଷକ ସମ୍ମିଳନୀ ଏବଂ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଓରମାସ୍ ଡେପୁଟି ସିଇଓ ଅଳକା ଉମା ମହେଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୃହତ୍ ଚ଼ାଷୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚ଼ନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ଉଠା ଜଳସେଚ଼ନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ଟି-ଫାର୍ମ ମୁଖ୍ୟ ସ୍ୱାଧୀନ ନାୟକ, ଭୀମ ହରିଜନ, ଝରିଗାଁ ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ, କୃଷି ଅଧିକାରୀ ଗଜାନନ ସାହୁ, ରାମ କୃଷ୍ଣ ବିଷୋୟୀ, ମୋନାଲ ପରିଡ଼ା, ଅନିରୁଦ୍ଧ ପଣ୍ଡା, ଶକ୍ତି ସୌରଭ ମହାନ୍ତି , ଜିଗ୍ନା ସାହୁ, ମହେଶ୍ୱର ସାନ୍ତା, କୃତି କୃଷକ- ବାଳିକ କୁମାର ରାଉତ, ରମେଶ ଚ଼ନ୍ଦ୍ର ତାଡିଙ୍ଗ ପ୍ରମୁଖ ଉପସ୍ଥିତ ରହି ଚ଼ାଷୀ ଏବଂ ଚ଼ାଷ ର ଉନ୍ନତି ପାଇଁ ନିଜସ୍ୱ ମତ ରଖିଥିଲେ। କେସିସି ବ୍ୟାଙ୍କ ତରଫରୁ ପ୍ରଥମ କିସ୍ତି ବାବଦରେ ମକା ଚ଼ାଷୀଙ୍କୁ ବିନା ସୁଧ ରେ ୨୦,୦୦୦ଟଙ୍କା ଏବଂ ଅଂଶଧନ ପ୍ରମାଣ ପତ୍ର ଦିଆଗଲା।ମକା ଚ଼ାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଝରିଗାଁ ବ୍ଲକରେ ଦୁଇଗୋଟି ଏଫପିଓ ଗଠନ ହୋଇଛି,ଏହି ଏଫପିଓ ମାଧ୍ୟମରେ ଚ଼ାଷୀମାନେ ସାର, ବିହନ, କୀଟନାଶକ ଔଷଧ ସବୁ ସୁଲଭ ମୂଲ୍ୟରେ ପାଇବେ ଏବଂ ମକାର ସୁଲଭ ବିକ୍ରି ପାଇଁ ଓରମାସ୍ ଓ ଟି-ଫାର୍ମ କମ୍ପାନୀ ସହଯୋଗ କରିବ ବୋଲି ଚ଼ାଷୀଙ୍କୁ ସୂଚ଼ନା ପ୍ରଦାନ କରାଯାଇଥିଲା।ଝରିଗାଁ ବ୍ଲକ ର ଦୁଇଗୋଟି ଏଫପିଓ ମଧ୍ୟରୁ ବିଡ୍ରି ମା ଘାଟ ଘସିଆନି ଏଫପିଓ ର ମା ମାନେ ଏକ ଲକ୍ଷ ତେଷଠି ହଜାର ପାଞ୍ଚଶହ ପଚ଼ାଶ ଟଙ୍କାର ଅଂଶଧନ ପ୍ରଦାନ କରିଥିଲେ ସେହିଭଳି ଚ଼ନ୍ଦନଧାରା ଏଫପିଓ ପକ୍ଷରୁ ଏକ ଲକ୍ଷ ସତାବନ ହଜାର ନଅଶହ ଟଙ୍କାର ଅଂଶଧନ ବାବଦରେ ପ୍ରଦାନ କରିଥିଲେ। ଆଗତ ଦିନରେ ମୁଖ୍ୟମନ୍ତ୍ରୀ ମକା ମିଶନ ସହିତ ବ୍ଲକର ମକା ଚ଼ାଷୀ ପ୍ରମୁଖ ଯୋଡ଼ି ହୋଇ ବିଶେଷ ଲାଭବାନ ହୋଇପାରିବେ ବୋଲି ନିଜସ୍ୱ ମତ ରଖିଥିଲେ।

# କେଲିଆ ମନ୍ଦିର ରାସ୍ତା କେବେ ହେବ ସମ୍ପୂର୍ଣ୍ଣ ?

**ଡାବୁଗାଁ:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଚ଼ଚ଼ରା ଗୁଡା ଗ୍ରାମ ପଞ୍ଚାୟତରେ ଥିବା କେଲିଆ ଝାଡେଶ୍ୱର ଶୈବପୀଠ

ନବରଙ୍ଗପୁର ଜିଲ୍ଲାର ପ୍ରସିଦ୍ଧ ଅତୀତର କିମ୍ବଦନ୍ତୀ ବହନ କରି ଥିବା ପୁରାତନ ଶୈବପୀଠ। ଏଠାକୁ ଶିବରାତ୍ରୀ କୁ ପଡୋଶୀ ରାଜ୍ୟ ଛତିଶଗଡ଼ ଓ ପଡୋଶୀ ଜିଲ୍ଲା କଳାହାଣ୍ଡି, କୋରାପୁଟ, ମାଲକାନଗିରି ରୁ ବହୁ ଭକ୍ତ ଆସିଥାନ୍ତି । କିନ୍ତୁ ଦୁଃଖର କଥା ଉକ୍ତ ସ୍ଥାନକୁ ଯିବାକୁ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶସ୍ତୀକରଣ କାର୍ଯ୍ୟ ବହୁ ଦିନରୁ ଆରମ୍ଭ ହୋଇ ଥିଲେ ହେଁ ଆଜି ପର୍ଯ୍ୟନ୍ତ କାମ ମନ୍ଥର



ଗତିରେ ଚ଼ାଲୁ ଥିବାରୁ ଉକ୍ତ ରାସ୍ତା କେବେ ସରିବ ବୋଲି ସମସ୍ତଙ୍କର ମନରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ଉକ୍ତ କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷ ତାରିଖ ସାଇନ୍ ବୋର୍ଡରେ ଲେଖା ଯାଇନାହିଁ । ରାସ୍ତାର ଦୁଇ ପାର୍ଶ୍ୱରେ ଖୋଳା ଯାଇ ମେଟାଲ ପଡୁଛି, ଯାହାକି ମେଟାଲ ଉନ୍ନତ ଧରଣର ମେଟାଲ ନୁହେଁ। ମେଟାଲ ଟି ଧଳା ରଙ୍ଗର, ସେହି ମେଟାଲରେ କାମ ହେବା କଥା ନୁହେଁ, କନିଷ୍ଠ ଯନ୍ତ୍ରୀ କିପରି କାର୍ଯ୍ୟ ତଦାରଖ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ ହୋଇପଡୁଛି। ଆହୁରି ମଧ୍ୟ ପ୍ରଶସ୍ତୀକରଣ ସ୍ଥାନ ମାନଙ୍କରେ ବ୍ରିଜ ପାଖରେ ଡାଇଭର୍ସସନ ପାଇଁ କୌଣସି ଅର୍ଥ ଖର୍ଚ୍ଚ ନ କରି ଜମି ଉପରେ ଡାଇଭର୍ସସନ ଦେଖାଇ ଥିବାରୁ ଯାତାୟତରେ ବହୁ ଅସୁବିଧା ସୃଷ୍ଟି ହେଉଛି । ଏଥିନେଇ ପ୍ରଶାସନର ତୁରନ୍ତ ଦୃଷ୍ଟି ପଡି କାର୍ଯ୍ୟ ଠିକ ଭାବେ କରାଯିବା ପାଇଁ ସମସ୍ତ ଭକ୍ତ ବୃନ୍ଦ ଦୃଢ଼ ଦାବୀ କରିଛନ୍ତି ।

# ୧୨ ପରିବାର ସାମାଜିକ ବାସନ୍ଦର ଶିକାର



**ରାଇଘର:** ଗ୍ରାମ କମିଟିର କଙ୍ଗାରୁ ଶାସନ। ୧୨ ପରିବାର ୬ ମାସରୁ ଉର୍ଦ୍ଧ୍ୱ ହେବ ସାମାଜିକ ବାସନ୍ଦର ଶିକାର । ସ୍ଥାନୀୟ ପ୍ରଶାସନର କାର୍ଯ୍ୟରେ ଅତିଷ୍ଠ ହୋଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ପୀଡିତ ୧୨ ପରିବାର । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ ହାତୀବେନା ଡିଏନକେ ଗ୍ରାମରେ।

ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ 'ହାତୀବେନା ଡିଏନକେ ' ଗ୍ରାମରେ ୫୦ରୁ ଉର୍ଦ୍ଧ ବର୍ଷ ଧରି ବସବାସ କରି ଆସୁଥିବା ୧୨ ପରିବାର ନିକଟରେ କେନ୍ଦ୍ର ସରକାରଙ୍କ ' କଳା ବହି ' ଓ ଜମି ପଟ୍ଟା ନଥିବା ବେଳେ ଦିନମଜୁରିଆ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । କିନ୍ତୁ, ଗ୍ରାମର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚ଼ାପରେ ଅତିଷ୍ଠ ହୋଇ ଏବେ ବାସହରା ହେବାକୁ ବସିଛନ୍ତି ୧୨ ପରିବାର। ଗ୍ରାମ କମିଟି ର କଙ୍ଗାରୁ ଶାସନରେ ଜମିରୁ ବେଦଖଲ କରିବାର ନିର୍ଦ୍ଦେଶ ନମାନିବାରୁ ୬ ମାସରୁ ଉର୍ଦ୍ଧ ହେବ ସାମାଜିକ ବାସନ୍ଦ ର ଶିକାର ହୋଇଛନ୍ତି ସେମାନେ । ସାମାଜିକ ବାସନ୍ଦ ଫଳରେ ସ୍ଥାନୀୟ ଦୋକାନ ରୁ ସଉଦା କିଣିବା, ପାନୀୟ ଜଳ, ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ଏବଂ ଗ୍ରାମର କୌଣସି ସଂସ୍କୃତିକ କାର୍ଯ୍ୟକ୍ରମରୁ ବାଦ ପଡିଛନ୍ତି ପୀଡିତ ୧୨ ପରିବାର । ଏହାକୁ ନେଇଁ ପୀଡିତା ପରିବାରମାନେ ବାରମ୍ବାର ରାଇଘର ତହସିଲ କାର୍ଯ୍ୟାଳୟ , ବ୍ଲକ କାର୍ଯ୍ୟାଳୟ ଏବଂ ଥାନା ର ଦ୍ୱାରସ୍ଥ ହୋଇଥିବା ବେଳେ ସେମାନଙ୍କୁ ଓଲଟା ସ୍ଥାନୀୟ ପ୍ରଶାସନର ଆକ୍ରସର ଶିକାର ହୋଇଥିବା ଯୋଗୁଁ ଆଜି ନବରଙ୍ଗପୁର ଜିଲ୍ଲାପାଳ କୋମଳ ଲୋଚ଼ନ ମିଶ୍ର ଏବଂ ନବରଙ୍ଗପୁର ଏସ ପି ରୋହିତ ବର୍ମାଙ୍କ ନିକଟରେ ଦ୍ୱାରସ୍ଥ ହୋଇ ଗୁହାରୀ ଜଣାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି ପୀଡିତ ୧୨ ପରିବାର । ଯାହାକୁ ନେଇଁ ଜିଲ୍ଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶୃତି ଦେଇଥିବା ପୀଡିତ ପରିବାର କହିଛନ୍ତି ।

# ଓଡିଶା ସରକାର ମୃର୍ତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଜଳ ବିଭାଜିକା ଯୋଜନା



**ନବରଙ୍ଗପୁର:** ୨୦୦୨ ମସିହାରେ ଓଡିଶା ସରକାର ମୃର୍ତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଜଳ ବିଭାଜିକା ଯୋଜନା ମାଧ୍ୟମରେ ପାପଡାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଅଧିନସ୍ଥ କଦୋଭଟା ଗ୍ରାମଠାରେ ୫ ଏକର ଜମିକୁ ନେଇ ସମୋନ୍ୱିତ ପତିତ ଜମି ଉନ୍ନୟନ ଯୋଜନା କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଯୋଜନା ୨୦୦୨ ରୁ ୨୦୦୭ ପର୍ଯ୍ୟନ୍ତ ଚ଼ାଲିଥିଲା ।ଏହି ଯୋଜନା ମାଧ୍ୟମରେ ଗ୍ରାମରେ କିଛି ବ୍ୟକ୍ତିଙ୍କୁ ସାମିଲ କରି ଏକ ଗୋଷ୍ଠୀ ଗଠନ କରାଯାଇ ସଭାପତି, ସମ୍ପାଦକ ବଛାଯାଇଥିଲା । ଏଥିରେ ସଭାପତି ଭାବେ ଜଗନ୍ନାଥ ହରିଜନ ଏବଂ ସମ୍ପାଦକ ଭାବେ ଧନସିଂଙ୍କୁ ବଛାଯାଇ ୧୨ ଜଣ ସଦସ୍ୟଙ୍କୁ ସାମିଲ କରାଯାଇଥିଲା । ସେହି ସମୟରେ ଏହି ଯୋଜନା ମାଧ୍ୟମରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସରକାରଙ୍କ ତରଫରୁ ଉନ୍ନତି ମୂଳକ କାର୍ଯ୍ୟ ତଥା ମୃର୍ତ୍ତିକା ସଂରକ୍ଷଣ ପାଇଁ ଆମ୍ବ, ନଡ଼ିଆ , କାଜୁ , ଆକାଶିଆ ଗଛ ମାନ ଲଗାଯାଇଥିଲା । ଏହି ଯୋଜନା ରେ ଗ୍ରାମବାସୀ ଙ୍କ ଜମିରେ ମୃର୍ତ୍ତିକା ସଂରକ୍ଷଣ ପାଇଁ ମାଟିହୁଡା, ଫାର୍ମ ପଣ୍ଡ, ବିଭିନ୍ନ ଅର୍ଥକାରୀ ଗଛ ଲଗାଇବା, ଚେକ ଡେମ , ଗାଧୁଆ ତୁଠ, ଏସ ଏଚ଼ ଜି ମହିଳାଙ୍କୁ ଛେଳି, ଉନ୍ନତ ମାନର କୁକୁଡ଼ା, ବତକ, ମେଣ୍ଢା ମାଗଣାରେ ଦିଆଯାଇଥିଲା । ସେହି ସମୟରେ ଏ ଅଞ୍ଚଳ ଟି ଆର୍ଥିକ ପରିସ୍ଥିତି ସୁଧୁରି, ସବୁଜିମା ରେ ପରିପୂର୍ଣ୍ଣ ହୋଇ ଥିଲା । କିନ୍ତୁ ଏହି ଯୋଜନା ୫ ବର୍ଷ ଆ ହୋଇଥିବାରୁ ଯୋଜନାଟି ୨୦୦୭ ମସିହାରେ ବନ୍ଦ ହୋଇଯାଇଛି । ବର୍ତ୍ତମାନ ଉକ୍ତ ୫ ଏକର ବିଶିଷ୍ଟ ଜାଗାଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଉକ୍ତ ଜମିର କିଛି ଭାଗ କିଛି ଲୋକେ ନିଜ ଅଧୀନରେ ଅକ୍ତିଆର କରି ଚ଼ାଷ କାମରେ ବିନିଯୋଗ କରୁଛନ୍ତି । ଏ ଅଞ୍ଚଳ ରେ ବିଗତ ଦିନରେ ବହୁ ଜଙ୍ଗଲ ଜମିରେ ବୃକ୍ଷ ରୋପଣ କରାଯାଇଛି । ଏହି ଚ଼ାରା ପାଇଁ ଏ ଅଞ୍ଚଳ ର ଲୋକେ ଚ଼ାରା ପାଇଁ ବନବିଭାଗ କୁ ନିର୍ଭର କରନ୍ତି । ବନବିଭାଗର ଏ ଅଞ୍ଚଳ ରେ ମୈଦଲପୁର ଏବଂ ପାପଡାହାଣ୍ଡି ମୃଗ ବିହାର ପାଖରେ ଚ଼ାରା ପ୍ରସ୍ତୁତ କରାଯାଇ ଆବଣ୍ଟନ କରାଯାଏ । ଯଦ୍ୱାରା ଏ ଅଞ୍ଚଳ ର ଲୋକେ ଯାତାୟାତ ଏବଂ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ । ଏହି ଅବହେଳିତ ନର୍ସରୀ କୁ ବନବିଭାଗ କୁ ହସ୍ତାନ୍ତର କରାଯାଇ ଥିଲେ , ଉକ୍ତ ଜାଗାଟିର ରକ୍ଷଣା ବେକ୍ଷଣା ହୋଇ ପୁନଃ ଉଦ୍ଧାର ହୋଇପାରିଥାନ୍ତା ବୋଲି ଏ ଅଞ୍ଚଳ ଗ୍ରାମବାସୀ ଦାବି କରିଛନ୍ତି ।

# କଳାହାଣ୍ଡି ଜିଲ୍ଲାର ବୃଦ୍ଧାକୁ ଉଦ୍ଧାର କରି ଥଇଥାନ ବ୍ୟବସ୍ଥା କରାଇଲେ ସରପଞ୍ଚ ରବିନ୍ଦ୍ର କୁମାର ମୁଣ୍ଡ

**ପାପଡାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ଗ୍ରାମ ପଞ୍ଚାୟତ ହାର୍ଲାଗୁଡା ଗ୍ରାମରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସବ୍ ଡିଭିଜନ ଗୋଲାମୁଣ୍ଡା ବ୍ଲକ ଶୋଷିଆ ଗ୍ରାମର ସ୍ୱର୍ଗୀୟ କପିଳ ଦୁର୍ଗା ଙ୍କ ସ୍ତ୍ରୀ ଉମା ଦୁର୍ଗା ଓ ପୁଅ କ୍ରିଷ୍ଣା ଦୁର୍ଗା କ୍ଷମା ପୁଅ ସ୍ୱର୍ଗତ ନନ୍ଦ ଭତ୍ରା ଶିକ୍ଷକଙ୍କ ଘରେ ଭଡାରେ ରହି ଆସୁଥିଲେ । ତିନି ମାସ ତଳେ ମା କୁ ଛାଡ଼ି ପୁଅ କୁଆଡେ ଚ଼ାଲି ଯିବାରୁ ମା ଚ଼ଳିବା କଷ୍ଟକର ହେବାକୁ ଥିବାବେଳେ ଉକ୍ତ ଗ୍ରାମର ଲୋକେ ଖାଇବାକୁ ଦୁଇ ବେଳା ଦେଉଥିଲେ । ଘର ମାଲିକ ପାପଡାହାଣ୍ଡି ବ୍ଲକ ଜଟାବାଲ ରେ ରହୁ ଥିବାରୁ ଘର ଭଡା ନ ପାଇବାରୁ ତା ଘରୁ ବୃଦ୍ଧାକୁ ବାହାର କରିଦେବାରୁ ସେହି ଗ୍ରାମର କମଲୁ ଉତ୍ରକ୍ଷ ଙ୍କ ସ୍ତ୍ରୀ ଗୁରୁବାରି



ଉତ୍ରକ୍ଷ ନିଜ ଘରେ ରଖି ଦୁଇ ବେଳା ଖାଇବାକୁ ଦେଇ ରଖିଥିଲା । ବୃଦ୍ଧା ଠାରୁ ଶିକ୍ଷକ ନିରଞ୍ଜନ ଦାସ ତାଙ୍କ ଗ୍ରାମର ଠିକଣା ସଂଗ୍ରହ କରି ଆମ ପ୍ରତିନିଧି ରବି ନାରାୟଣ ମହାନ୍ତିଙ୍କୁ ଜଣାଇବାରୁ ସେ ଧର୍ମଗଡ଼ର ଦିନଲିପି ସାମ୍ବାଦିକ ପିଙ୍କୁ ନାୟକ ଭାଇ ଙ୍କୁ ଜଣାଇ ଏହାର ସମାଧାନ ନିମନ୍ତେ କହିଥିଲେ । ସେ ମଧ୍ୟ ନ୍ୟୁଜ କରିଥିବା ବେଳେ ମସିହା, ସଂଘର୍ଷ ଓ ଆଜିର ତୋଫାନ ପେପରରେ ଖବର ବାହାର କରି ନବରଙ୍ଗପୁର ଜିଲ୍ଲାପାଳ ଡଃ କମଳ ଲୋଚ଼ନ ମିଶ୍ର,ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଓ ଉପଖଣ୍ଡ ପୋଲିସ ଅଧିକାରୀ କୃଷ୍ଣ ଚ଼ନ୍ଦ୍ର ଭତ୍ରାଙ୍କ ହ୍ୱାଟଆପକୁ ନ୍ୟୁଜ ପଠାଇଥିଲି । ପ୍ରଶାସନ ହସ୍ତକ୍ଷେପ କରି ଉକ୍ତ ବୃଦ୍ଧାକୁ ତାଙ୍କ ସମ୍ପର୍କୀୟଙ୍କ ପାଖରେ ପହଞ୍ଚାଇ ବାକି ଜୀବନ କଟାଇବା ପାଇଁ ନିବେଦନ କରିଥିଲି । ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ନ ଥିବା ଦେଖା ଯାଇ ଥିଲା । ବୃଦ୍ଧାଙ୍କ ଗ୍ରାମରୁ ତାଙ୍କ ପଞ୍ଚାୟତ ଖମାରହଳଦି ସରପଞ୍ଚ ରବିନ୍ଦ୍ର କୁମାର ମୁଣ୍ଡ ଓ ତାଙ୍କ ସହଯୋଗୀ ବରିଷ୍ଠ ସମାଜସେବୀ ସରୋଜ କୁମାର ନେଗୀ (ବିଛୁ ଭାଇ),ଗ୍ରାମ ସାଥୀ ଅଭିମନ୍ୟୁ ସୁନାନୀ, ସାମ୍ବାଦିକ ପିଙ୍କୁ ନାୟକ ଓ ଜନ୍ମେଜୟ ନାଏକ ଆସି ଡାବୁଗାଁରେ ପହଞ୍ଚି ମୋତେ ନେଇ ବୃଦ୍ଧା ରହୁଥିବା ହାର୍ଲାଗୁଡା ଗ୍ରାମକୁ ଯାଇ ବୃଦ୍ଧାକୁ ସେଠାରୁ ତାଙ୍କ ଗ୍ରାମକୁ ନେବା ବ୍ୟବସ୍ଥା କରି ଥିଲୁ । ସ୍ଥାନୀୟ ସରପଞ୍ଚଙ୍କ ସହ ଯୋଗାଯୋଗ କରିବାରୁ ସେ ନବରଙ୍ଗପୁର ଯାଉ ଥିବାରୁ ମେମ୍ବର କୁ ପଠାଇ ଥିଲେ ଓ ଅଙ୍ଗନବାଡି କର୍ମୀ ମିଟିଂ ଯାଇଥିବାରୁ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଡାକି ତାଙ୍କ ମନ୍ତବ୍ୟ ନେଇ ଥିଲୁ । ଆସିଥିବା ସରପଞ୍ଚ ଶ୍ରୀ ମୁଣ୍ଡ ବୃଦ୍ଧା ଙ୍କୁ ଭଲରେ ରଖି ଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଯିବା ବେଳେ ସରପଞ୍ଚ ବୃଦ୍ଧାଙ୍କ ପାଇଁ ଫଳ ମୂଳ ନେଇ ବୃଦ୍ଧାଙ୍କୁ ଖାଇବାକୁ ଦେଇଥିଲେ ।

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Thursday Feb 15, 2024 ଭୁବନେଶ୍ୱର ଗୁରୁବାର, ଫେବୃଆରୀ ୧୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଆରମ୍ଭ ହେଲା 'ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା'

**ଭୁବନେଶ୍ୱର,୧୪/୨(ପିଏନ):** ରାଜ୍ୟର ବରିଷ୍ଠ ବୁଣାକାର ଓ ହସ୍ତ ଶିଳ୍ପ କାରିଗର ମାନଙ୍କ ପାଇଁ ଖୁସି ଖବର। ସେମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ନୂଆ ଯୋଜନା । "ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା'। ଏହି ଯୋଜନାରେ ୪୦ ବର୍ଷରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ମହିଳା ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ଏବଂ ୫୦ ରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ପୁରୁଷ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କୁ ମାସିକ ୨୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ବରିଷ୍ଠ ହସ୍ତଶିଳ୍ପ କାରିଗରମାନଙ୍କୁ (ଉଭୟ ମହିଳା ଓ ପୁରୁଷ) ମାସିକ ୨୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇଦିଆଯିବ ।

ସୂଚନାଯୋଗ୍ୟ ଯେ ରାଜ୍ୟର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଦକ୍ଷତା ବିକାଶ ଓ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି । ରାଜ୍ୟର ସମୃଦ୍ଧ ଐତିହ୍ୟର ପ୍ରଦର୍ଶନ ଏବଂ ସଂରକ୍ଷଣ ପାଇଁ ବୁଣାକାର ଓ ହସ୍ତ ଶିଳ୍ପ କାରିଗରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ରାଜ୍ୟରେ ୧,୨୫,୦୦୦ ରୁ ଅଧିକ ବୁଣାକାର ତଥା ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଥିବା ବେଳେ ୧,୫୦,୦୦୦ ରୁ ଅଧିକ ହସ୍ତଶିଳ୍ପ କାରିଗର ଅଛନ୍ତି। ତେବେ,ପରିଣତ ବୟସରେ ବୁଣାକାରମାନଙ୍କ ସହାୟତା ପାଇଁ ରାଜ୍ୟ ସରକାରଙ୍କ "ବରିଷ୍ଠ ବୁଣାକାର ସହାୟତା ଯୋଜନା " ଥିବା ବେଳେ ବରିଷ୍ଠ ହସ୍ତ ଶିଳ୍ପ କାରିଗରମାନଙ୍କ ପାଇଁ କୌଣସି ଯୋଜନା ନାହିଁ। ବୁଣାକାରମାନେ ୬୦ ରୁ ୮୦ ବର୍ଷ ବୟସ ମଧ୍ୟରେ ମାସିକ ୫୦୦ ଟଙ୍କାର ସହାୟତା ପାଉଥିବା ବେଳେ ୮୦ ବର୍ଷ ବୟସରୁ ଅଧିକ ବୟସରେ ମାସିକ ୭୦୦ ଟଙ୍କାର ସହାୟତା ପାଉଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନେ ଏ ସମ୍ପର୍କରେ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ବିଚାରକୁ ନେଇ ରାଜ୍ୟ ସରକାର ରାଜ୍ୟର ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କର କଲ୍ୟାଣ ନିମନ୍ତେ ଏକ ନୂତନ ଯୋଜନା "ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା" ପ୍ରଣୟନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବାକୁ ହେଲେ ହିତାଧିକାରୀଙ୍କ ନାମ ବୟନଶିଳ୍ପ ନିର୍ଦ୍ଦେଶକ ଓ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ତାଲିକାରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ଭାବରେ ପଞ୍ଜିକୃତ ହୋଇଥିବ,ତାଙ୍କର ପରିବାରର ବାର୍ଷିକ ଆୟ ୧ ଲକ୍ଷ ଟଙ୍କା ରୁ ଉର୍ଦ୍ଧ୍ୱ ହୋଇନଥିବ ଓ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି ଅନୁରୂପ ଯୋଜନାର ଲାଭାର୍ଥୀ ହୋଇନଥିବେ,ହିତାଧିକାରୀ ସରକାରୀ କର୍ମଚାରୀ, ଆୟକରଦାତା କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ପେନସନଭୋଗୀ ହୋଇନଥିବେ, ଗୋଟିଏ ପରିବାରରୁ ଜଣେ ମାତ୍ର ଏହି ଯୋଜନାରେ ଲାଭ ପାଇପାରିବେ। ଏହି ଯୋଜନାର ସହାୟତା ରାଶି ଯୋଗ୍ୟ ବିବେଚିତ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ସଞ୍ଚୟ ଖାତାକୁ ସିଧା ସଳଖ ଡିବିଟି ଦ୍ୱାରା ପ୍ରଦାନ କରାଯିବ। ଏହି ଯୋଜନା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏସିଆନର ସେକ୍ରେଟାରୀ ଜେନେରାଲ ଡ. କାଓ କିମ୍ ହୋର୍ଣ୍ଣ



**ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ):** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦକ୍ଷିଣ ପୂର୍ବ ଏସୀୟ ଦେଶ (ଏସିଆନ)ର ସେକ୍ରେଟାରୀ ଜେନେରାଲ ଡ. କାଓ କିମ୍ ହୋର୍ଣ୍ଣଙ୍କ ସହ ସାକ୍ଷାତ୍ ଆଲୋଚନା କରିବା ସହ ଶିକ୍ଷା କ୍ଷେତ୍ରରେ ଏସିଆନ୍ ଦେଶ ଗୁଡ଼ିକ ସହିତ ଭାରତର ସମ୍ପର୍କକୁ ମଜଭୂତ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଦକ୍ଷିଣ ପୂର୍ବ ଏସୀୟ ଦେଶ ଗୁଡ଼ିକ ସହିତ ଭାରତର ଏକ ଦୃଢ଼ ସଭ୍ୟତାଗତ ସମ୍ପର୍କ ରହିଆସିଛି । ଏସିଆନ ସହ ଭାରତର ସମ୍ପର୍କ ଦେଶର ବୈଦେଶିକ ନୀତିର ଏକ ପ୍ରମୁଖ ସ୍ତମ୍ଭ। ଭାରତର ଆକ୍ଟ ଇଷ୍ଟ୍ ପଲିସି ଆଧାରରେ ଶିକ୍ଷା କ୍ଷେତ୍ରରେ ଏସିଆନ-ଭାରତ ସମ୍ପର୍କକୁ ଆହୁରି ସୁଦୃଢ କରିବା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା । ମେଧାବୀ ଛାତ୍ରଛାତ୍ରୀଙ୍କ ଆଦାନ ପ୍ରଦାନ, ଆଞ୍ଚଳିକ ସ୍ୱାର୍ଥ ସମ୍ବନ୍ଧୀୟ ବିଷୟରେ ମିଳିତ ଭାବରେ ଗବେଷଣା ଏବଂ ଅନୁଷ୍ଠାନିକ ସମ୍ପର୍କକୁ ପ୍ରୋତ୍ସାହିତ କରି ସହଯୋଗକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିବା ଟ୍ୱିଟ୍ କରି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

ଆଲୋଚନା କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆ ଜାତୀୟ ଶିକ୍ଷା ନୀତି ଅଧୀନରେ ନିଆଯାଉଥିବା ପଦକ୍ଷେପ ଏବଂ ଶିକ୍ଷା ପ୍ରଦାନ କରିବା ପାଇଁ ଭାରତ ଆପଣାଉଥିବା ଡିଜିଟାଲ ଭିତ୍ତିଭୂମି ଉପରେ ଡ. କାଓ କିମ୍ ହୋର୍ଣ୍ଣଙ୍କୁ ଅବଗତ କରାଇଥିଲେ । ଜାତୀୟ ଶିକ୍ଷା ନୀତି ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ମାତୃଭାଷାରେ ଶିକ୍ଷାର ଭୂମିକା ଉପରେ ବଶେଷ ଗୁରୁତ୍ୱ ଦେଉଥିବା ସେ କହିଥିଲେ ।

## 'ଲୋକଙ୍କ ଜୀବନରେ ସରକାରଙ୍କ ହସ୍ତକ୍ଷେପ କମ ରହୁ'

**ନୂଆଦିଲ୍ଲୀ,୧୪/୨(ପିଏନ):** ଆଜି ୟୁଏଇରେ ୱାର୍ଲଡ୍ ଗଭର୍ଣ୍ଣମେଣ୍ଟ ସମିଟ୍‌କୁ ସମ୍ବୋଧାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ନିଜ ଭାଷଣରେ ପିଏମ୍ କହିଛନ୍ତି ଯେ ଆଜି ଆମେ ଏକବିଂଶ ଶତାବ୍ଦୀରେ ଅଛୁ । ଗୋଟିଏ ପଟେ ଦୁନିଆ ଆଧୁନିକତା ଆଡ଼କୁ ବଢୁଛି ଏବଂ ଅନ୍ୟପଟେ ଗତ ଶତାବ୍ଦୀର ଆହ୍ୱାନ ମଧ୍ୟ ଅଧିକ ବ୍ୟାପକ ହେବାରେ ଲାଗିଛି। ସେ ଖାଦ୍ୟ ସୁରକ୍ଷା ହେଉ ଅବା ସ୍ୱାସ୍ଥ୍ୟ ସୁରକ୍ଷା ହେଉ । ଜଳ ସୁରକ୍ଷା ହେଉ ଅବା ଉର୍ଜା ସୁରକ୍ଷା, ଶିକ୍ଷା ସୁରକ୍ଷା ଏବଂ ସମାଜକୁ ଇନକ୍ଲୁସିଭ କରିବା ହେଉଛସବୁ ସରକାର ନିଜ ନାଗରିକଙ୍କ ପ୍ରତି ଅନେକ ଦାୟିତ୍ୱରେ ବାନ୍ଧି ହୋଇ ରହିଛନ୍ତି।




ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ସବୁ ସରକାରଙ୍କ ସାମନାରେ ପ୍ରଶ୍ନ ଅଛି ଯେ ସେମାନେ କେଉଁ ଅଭିମୁଖ୍ୟ ସହ ଆଗକୁ ବଢିବେ । ମୋ ମତରେ ଆଜି ବିଶ୍ୱକୁ ଏପରି ଏକ ସରକାର ଦରକାର ଯିଏ ଇନିକ୍ଲୁସିଭ ସହ ସଭିଙ୍କୁ ସାଙ୍ଗରେ ନେଇ ଚାଲିବ । ଆଜି ବିଶ୍ୱକୁ ଏପରି ସରକାର ଦରକାରସ ଯିଏ ସ୍ମାର୍ଟ ଥିବ, ଯିଏ ଟେକ୍ନୋଲଜିକୁ ବଡ଼ ପରିବର୍ତ୍ତନର ମାଧ୍ୟମ କରୁଥିବ । ଆଜି ବିଶ୍ୱକୁ ଏପରି ସରକାର ଦରକାର, ଯିଏ ସ୍ୱଚ୍ଛ ଥିବ,ଦୁର୍ନୀତିରୁ ଦୂରରେ ଥିବ ଏବଂ ଟ୍ରାନ୍ସପେରେଣ୍ଟ ଥିବ। ଆଜି ବିଶ୍ୱକୁ ଏପରି ସରକାର ଯିଏ ପରିବେଶ ସହ ଜଡ଼ିତ ଆହ୍ୱାନକୁ ନେଇ ଚିନ୍ତିତ ଥିବ । ଆଜି ଏପରି ସରକାରର ଆବଶ୍ୟକତା ରହିଛି ଯିଏ ଇଜ୍ ଅଫ୍ ଲିଭିଂ, ଇଜ୍ ଅଫ୍ ଜଷ୍ଟିସ୍, ଇଜ୍ ଅଫ୍ ମୋବିଲିଟି, ଇଜ୍ ଅଫ୍ ଇନୋଭେସନ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ନିଜର ପ୍ରାର୍ଥମିକତା କରି ଚାଲୁଥିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୁଁ ବିଶ୍ୱାସ କରେ ଯେ ସରକାରଙ୍କ ଅଭାବ ନହେବ ଦରକାର ଏବଂ ସରକାରର ଚାପ ନଦେବା ଦରକାର । ମୋ ମତରେ ଲୋକଙ୍କ ଜୀବନରେ ସରକାରଙ୍କ ହସ୍ତକ୍ଷେପ ସବୁଠୁ କମ ରହିବା ଦରକାର ଏବଂ ଏହା ସୁନିଶ୍ଚିତ କରିବା ସରକାରଙ୍କ କାମ । ଏଇ ୨୩ ବର୍ଷରେ ସରକାରରେ ମୋର ସବୁଠୁ ବଡ଼ ସିଦ୍ଧାନ୍ତ ମିନିମମ୍ ଗଭର୍ଣ୍ଣମେଣ୍ଟ, ମ୍ୟାକ୍ସିମମ୍ ଗଭର୍ଣ୍ଣାନ୍ସ । ମୁଁ ସବୁବେଳେ ଏପରି ମାହୋଲ ତିଆରି କରିବା ଉପରେ ଜୋର ଦେଇଛି ଯାହା ନାଗରିକଙ୍କ ମଧ୍ୟରେ ଏଣ୍ଟରପ୍ରାଇଜ୍ ଏବଂ ଏନର୍ଜୀ ଉଭୟକୁ ବଢାଇବ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbko@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray